## ସଟ୍ଟା ଚଢ଼ାଉ, ୨ ଗିରଫ

**ରାଉରକେଲା ଅଫିସ:** ରାଉରକେଲା ସହରର ଅମରଭବନ ଗଳିରେ ଏକ ସଟ୍ଟା ଆଡ୍ଡା ଉପରେ ଗୁରୁବାର ପୋଲିସ ଚଢ଼ାଉ କରିଛି। ଚଢ଼ାଉ ବେଳେ ପୋଲିସ ସଟ୍ଟାବୋର୍ଡ଼ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ମହତାବରୋଡ ଗଞ୍ଜାମ ବସ୍ତିର ପୃଥ୍ୱୀ ରାୟ(୩୬) ଓ ସେକ୍ଟର-୨୦ ସ୍ଥିତ ଆଜାଦବସ୍ତିର ବିନୋଦ ସୁନା(୩୨)। ପୋଲିସ ସୂଚନା ଅନୁସାରେ, ଅମରଭବନ ଗଳିରେ ଥିବା ଏକ ଗୁମୁଟିରେ ଦୀର୍ଘଦିନ ଧରି ପୃଥ୍ୱୀ ଓ ବିନୋଦ ସଟ୍ଟା କାରବାର କରିଆସୁଥିଲେ। ସୂଚନା ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ୨ଟି ସଟ୍ଟାବୋର୍ଡ଼ ସହ ୪,୨୦୦ ଟଙ୍କା, ୨ଟି ମାର୍କରପେନ, ଗୋଟିଏ କାଲକୁଲେଟର ସହ ୨ଟି ମୋବାଇଲକୁ ଜବତ କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୮।୨୨) ରୁଜୁ ହୋଇଛି।

## ସଂକ୍ଷେପରେ

### ପୁଣି ୨ ଘର ଭାଙ୍ଗିଲେ ହାତୀ ପଲ

**କୁତ୍ରା,୬।୧( ଡି.ଏନ.ଏ.):** ସୁନ୍ଦରଗଡ ଜିଲା ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ବ୍ଲକର ଉପାନ୍ତ ଅଞ୍ଚଳରେ ହାତୀ ଆତଙ୍କ ଥମିବାର ନାଁ ଧରୁନାହିଁ। ଏହି ଅଞ୍ଚଳରେ ହାତୀପଲ ପୁଣି ଦୁଇ ଜଣଙ୍କ ଘର ଭାଙ୍ଗି ଦେଇଛି। ଗତ ମାସେ ହେଲା ପଞ୍ଚରା, ନୂଆଗାଁ ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ଲୋକଙ୍କ ନିଦ ହଜିଯାଇଛି। ହାତୀ କେବେ ଲୋକଙ୍କ ଜୀବନ ନେଉଛି ତ କେବେ ଘର ଭାଙ୍ଗିବା ସହିତ ଫସଲ ନଷ୍ଟ କରୁଛି। ରାତି ତମାମ ଲୋକେ ଉଜାଗର ରହି ହାତୀ ଘଉଡାଇବା ପାଇଁ ପ୍ରସ୍ତୁତ ରହୁଛନ୍ତି। କେତେବେଳେ ଗୋଠଛଡା ଦନ୍ତା ହାତୀ ତ କେତେବେଳେ ଝାଡ଼ଖଣ୍ଡୀ ହାତୀ ପଲ ଲୋକଙ୍କ ଚିନ୍ତା ବଢ଼ାଉଛି। ପ୍ରତ୍ୟେକ ଦିନ ସନ୍ଧ୍ୟା ହେଲା ମାତ୍ରେ ଜଙ୍ଗଲରୁ ହାତୀ ପଲ ବାହାରି ଲୋକଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇଯାଉଛି। ବୁଧବାର ରାତିରେ ପୁଣି ଏକ ୨୨ ଟିକିଆ ହାତୀ ପଲ ନୂଆଗାଁରେ ମାରସେଲ ମିଞ୍ଜଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇ ଯାଇଛି। ଏହାପରେ ପଞ୍ଚରା କୁଲସରକୁ ଆସି ଫଲେ କେର୍କେଟାଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇ ଦେଇଛି। ଫଳରେ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ବନବିଭାଗ ତୁରନ୍ତ ଏହି ହାତୀ ପଲକୁ ଘଉଡାଇବା ସହ କ୍ଷତିପୂରଣ ପ୍ରଦାନ କରିବାକୁ କ୍ଷତିଗ୍ରସ୍ତ ପରିବାର ଦାବି କରିଛନ୍ତି। ସୂଚନାଯୋଗ୍ୟ, ବୁଧବାର ହାତୀପଲ ପଞ୍ଚରା ମଝାପଡା, ଭାଟିପଡା ଓ ବଜାରପଡାର ୩ ଜଣଙ୍କ ଘର ଭାଙ୍ଗିଥିଲା।

### ମଦ ଜବତ: ଦୁଇ ଗିରଫ

**ଲହୁଣୀପଡ଼ା,୬।୧(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର କେ ବଲାଙ୍ଗ ଥାନା ଅନ୍ତର୍ଗତ ନନ୍ଦାପ ଓ ଲହୁଣୀପଡ଼ା ଥାନା ଅନ୍ତର୍ଗତ ଜୀବିକାପୋଷଠାରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ବିଭାଗୀୟ କର୍ମଚାରୀମାନେ ନନ୍ଦାପ ଗ୍ରାମର ମୋହନ ଚନ୍ଦ୍ର ମାହାନ୍ତ ( ୫୧)ଙ୍କ ଘରେ ଚଢ଼ାଉ କରି ଦେଶୀ ମହୁଲି ମଦ ଜବତ କରିବା ସହିତ ତାଙ୍କୁ ଗିରଫ କରିଥିଲେ। ସେହିପରି ଲହୁଣୀପଡ଼ା ଥାନା ଅନ୍ତର୍ଗତ ଜୀବିକାପୋଷ ଗ୍ରାମର ଶଙ୍କର କିଷାନ (୪୦) ଙ୍କ ଘରେ ଚଢାଉ କରି ମଦ ଜବତ କରିବା ସହ ଶଙ୍କରଙ୍କୁ ଗିରଫ କରିଥିଲେ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଲହୁଣୀପଡ଼ା ଅବକାରୀ ଅଧିକାରୀ ଶ୍ରୀକାନ୍ତ ପଟ୍ଟନାୟକ ଓ ତାଙ୍କ ସହକର୍ମୀମାନେ ଚଢାଉରେ ସାମିଲ ଥିଲେ।

### ବଡ଼ଗାଁରେ ୧୬ କରୋନା ପଜିଟିଭ୍

**ବଡ଼ଗାଁ,୬।୧(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରେ ଗତ ଦୁଇ ଦିନ ହେଲା କରୋନା ପଜିଟିଭଙ୍କ ସଂଖ୍ୟା ବଢିଛି। ଗତ ମଙ୍ଗଳବାର ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲା ବେଳେ ଗୁରୁବାର ୧୬ଜଣ ଚିହ୍ନଟ ହୋଇଛନ୍ତି। ମେଡ଼ିକାଲ କର୍ମଚାରୀଙ୍କ ଦ୍ୱାରା ପରୀକ୍ଷା କରାଯିବା ପରେ ଏକମା ଅଞ୍ଚଳରେ ୨, ବଡ଼ଗାଁରେ ୧୦, ଜରଙ୍ଗଲୋଇରେ ୩, ବରଙ୍ଗାକଛାରରେ ଜଣେ କରୋନା ସଂକ୍ରମିତ ହୋଇଥିବା ଜଣାପଡିଛି। ଲୋକେ ସଚେତନ ନ ହେଲେ ସଂକ୍ରମଣ ବଢିବା ଆଶଙ୍କା ରହିଛି।

### ଯୁବତୀଙ୍କୁ ଛୁରାମାଡ଼ ଘଟଣା: ଯୁବକ ଗିରଫ

**ରାଉରକେଲା ଅଫିସ,୬।୧:** ରାଉରକେଲା ସେକ୍ଟର-୩ ଥାନା ଅନ୍ତର୍ଗତ ଭିଆଇପି ରୋଡ୍ ଅଞ୍ଚଳରେ ଜଣେ ଯୁବତୀଙ୍କୁ ଛୁରାମାଡ଼ ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଲାଙ୍ଗୀର ବସ୍ତିର କାର୍ତ୍ତିକ ନନ୍ଦ(୨୧)। ଏ ନେଇ ପୋଲିସ ଏକ ମାମଲା (ନଂ.୧୬୫।୨୧) ରୁଜୁ କରିଛି। ତାଙ୍କଠାରୁ ସ୍ମାର୍ଟଫୋନ ଜବତ କରାଯାଇଛି। ସୂଚନାଯୋଗ୍ୟ, ଗତ ୨୫ ତାରିଖ ସକାଳ ସମୟରେ ସେକ୍ଟର-୧୭ ଅଞ୍ଚଳର ଜଣେ ଯୁବତୀ ଭୁବନେଶ୍ୱରରୁ ବସ୍ ଯୋଗେ ରାଉରକେଲା ଆସିଥିଲେ। ବସ୍‌ରେ ତାଙ୍କୁ ନିଦ ଲାଗିଯାଇଥିବାରୁ ସେ ସାତସତର ଛକରେ ଓହ୍ଲାଇବା ପରିବର୍ତ୍ତେ ସେକ୍ଟର-୨୦ ସ୍ଥିତ ଭିଆଇପି ରୋଡ୍‌ରେ ଓହ୍ଲାଇଥିଲେ। ଏହି ସମୟରେ ଅଭିଯୁକ୍ତ ଜଣକ ବାଇକରେ ଆସି ତାଙ୍କୁ ଛୁରାମାଡ଼ କରିବା ସହ ମୋବାଇଲ ଓ ପର୍ସ ଛଡାଇ ନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି କାର୍ତ୍ତିକଙ୍କୁ ଗିରଫ କରିଥିଲା।

# ସୁନ୍ଦରଗଡ଼ ଜିଲାରେ କରୋନା ଉପରମୁହାଁ

**ସୁନ୍ଦରଗଡ,୬।୧(ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲାରେ ପୁଣି କରୋନା ଉପରମୁହାଁ ହୋଇଛି। ଗୁରୁବାର ସକାଳେ ଜିଲା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଅନୁସାରେ ଜିଲାରେ ପୁଣି ୨୬୨କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ତୃତୀୟ ଲହର ଆରମ୍ଭ ହୋଇଯିବା ପରେ ସରକାର କରୋନା କଟକଣା କଡାକଡି ଆରମ୍ଭ କରି ଦେଇଥିବା ବେଳେ ସୁନ୍ଦରଗଡ ଜିଲା ପ୍ରଶାସନ ପକ୍ଷରୁ କରୋନା ସ୍ଥିତି ଉପରେ ସତର୍କ ଦୃଷ୍ଟି ରଖି ଏ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଗତ ଦୁଇଦିନ ତଳେ ଜିଲାର ଲେଫ୍ରିପଡା ବ୍ଲକ ଜିଙ୍କନଗର ଠାରେ ଥିବା ଏକ ବିଦ୍ୟାଳୟରେ ୮୯ ଜଣ ଛାତ୍ରୀଛାତ୍ର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଗୁରୁବାର ପୁଣି ଜିଲାର ବିଭିନ୍ନ ବ୍ଲକରେ ମୋଟ ୨୬୨ ପଜିଟିଭ ଚିହ୍ନଟ ପରେ ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ କରୋନା ପଜିଟିଭ ସଂଖ୍ୟା ୩୫୧ରେ ପହଞ୍ଚିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଅନୁସାରେ ଜିଲାର ବାଲିଶଙ୍କରା ବ୍ଲକରେ ୮, ବଡଗାଁ ବ୍ଲକରେ ୯, ବୀରମିତ୍ରପୁରରେ ୩, ବିଶ୍ରା ବ୍ଲକରେ ୭, ବଣାଇଁ ବ୍ଲକରେ ୧, କୋଇଡା ବ୍ଲକରେ୧, କୁଆଁରମୁଣ୍ଡା ବ୍ଲକରେ ୩, କୁତ୍ରା ବ୍ଲକରେ ୧, ଲାଠିକଟା ବ୍ଲକରେ ୧୬, ଲେଫ୍ରିପଡା ବ୍ଲକରେ ୧୨, ରାଜଗାଙ୍ଗପୁର ବ୍ଲକରେ ୩୨, ରାଉରକେଲା ସହରାଞ୍ଚଳରେ ୧୫୪ , ସୁନ୍ଦରଗଡ ସଦର ବ୍ଲକରେ ୨, ସୁନ୍ଦରଗଡ ପୌରାଞ୍ଚଳରେ ୭, ସବଡେଗା ବ୍ଲକରେ ୫, ଟାଙ୍ଗରପାଲି ବ୍ଲକରେ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଜିଲା ପୋଲିସ ପ୍ରଶାସନ ପକ୍ଷରୁ କରୋନା କଟକଣାକୁ କଡାକଡି ପାଳନ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।



## ମୃତ୍ୟୁର ୯ ମାସ ପରେ ଦ୍ୱିତୀୟ ଡୋଜ୍ ଭାକ୍ସିନ ନେଇଥିବା ମେସେଜ୍ ଆସିଲା

**ବଡ଼ଗାଁ,୬।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ରେଙ୍ଗାଲମାଲ ଗ୍ରାମର ବୈଦେହୀ ରାଉତ(୬୫)ଙ୍କ ଗତବର୍ଷ ମାର୍ଚ୍ଚ ୨୬ତାରିଖରେ ମୃତ୍ୟୁ ଘଟିଛି। କିନ୍ତୁ ତାଙ୍କୁ କରୋନା ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଥିବା ନେଇ ତାଙ୍କ ପରିବାର ପାଖକୁ ଗୁରୁବାର ଅପରାହ୍ଣ ସାଢ଼େ ୪ଟାରେ ମୋବାଇଲରେ ମେସେଜ୍ ଆସିଛି। ସୂଚନାଯୋଗ୍ୟ, ଗତବର୍ଷ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଏକମା ଡାକ୍ତରଖାନାରେ ସେ ପ୍ରଥମ ଡୋଜ୍ କରୋନା ଟିକା ନେଇଥିଲେ। ଏହି ଟିକା ନେଲା ପରେ ଜର ଲାଗି ରହିଥିଲା। ସ୍ଥାନୀୟ କ୍ୱାକ୍‌ଙ୍କ ଦ୍ୱାରା ତାଙ୍କର ଚିକିତ୍ସା କରାଯାଉଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପରିବାର ସଦସ୍ୟ ଯୋଗେଶ୍ୱର ରାଉତଙ୍କ ଠାରୁ ଜାଣିବାକୁ ମିଳିଛି।

## ଦିନକରେ ପୁଣି୨୬୨ ପଜିଟିଭ ଚିହ୍ନଟ

## କୁଆଁରମୁଣ୍ଡାରେ ୧୩ କରୋନା ଆକ୍ରାନ୍ତ ଚିହ୍ନଟ

**କୁଆଁରମୁଣ୍ଡା,୬।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକରେ ୧୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ୧୦ ବର୍ଷର ପିଲା ଗୁରୁତର ଥିବା ବେଳେ ତାଙ୍କୁ ରାଉରକେଲାର ଜେପି ହସ୍ପିଟାଲର କରୋନା ୱାର୍ଡରେ ଭର୍ତ୍ତି କରାଯାଇଛି। ଏ ନେଇ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା.ଶ୍ରୀମନ୍ତ ପଟ୍ଟନାୟକ ଗୁରୁବାର ସୂଚନା ଦେଇଛନ୍ତି। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ୨ ଜଣ ସ୍ୱାସ୍ଥ୍ୟକର୍ମୀଙ୍କ ସହ ମୋଟ ୧୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଡା.ପଟ୍ଟନାୟକଙ୍କ ଠାରୁ ଜଣାପଡିଛି। କରୋନା ବ୍ୟାପିବା ଖବର ପାଇ ବୀରମିତ୍ରପୁର ଏସଡିପିଓ ମାନସ ରଞ୍ଜନ ପ୍ରଧାନ ତ୍ୱରିତ ପଦକ୍ଷେପ ସ୍ୱରୂପ ବୀରମିତ୍ରପୁର, ରାଏବୋଗା, ହାତୀବାରି ଥାନା ଓ କୁଆଁରମୁଣ୍ଡା, ନୂଆଗାଁ ଫାଣ୍ଡି ଅଧିକାରୀମାନଙ୍କୁ କଡ଼ା ସତର୍କତାମୂଳକ ପଦକ୍ଷେପ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ବୀରମିତ୍ରପୁର ଉପଖଣ୍ଡର ବିଭିନ୍ନ ହାଟ, ବଜାର, ଶିଳ୍ପାଞ୍ଚଳରେ ଜନଗହଳି ରୋକିବା ପାଇଁ ପୋଲିସ ତୀକ୍ଷ୍ଣ ନଜର ରଖିବା ଆରମ୍ଭ କରିଛି। ସେହିପରି ଜନସାଧାରଣଙ୍କୁ ସଚେତନ ଓ ସତର୍କ କରିବା ନିମନ୍ତେ ଶୁକ୍ରବାର ଠାରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯିବାର ବ୍ୟବସ୍ଥା କରାଯିବ ବୋଲି ଏସଡିପିଓ ପ୍ରଧାନ ସୂଚନା ଦେଇଛନ୍ତି।

## ଅନ୍ଧାରୀ କପ୍ କ୍ରିକେଟ: ଗୋଧିଡ଼ିପ ଚାମ୍ପିୟନ




ଦୁଇ ଦଳର ଖେଳାଳିଙ୍କ ସହ ଅତିଥିମାନେ।

**ନାକଟିଦେଉଳ,୬।୧(ଡି଼.ଏନ.ଏ.)**

ନାକଟିଦେଉଳ ବ୍ଲକ ବଳମ ୟୁଥ୍ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଅନ୍ଧାରୀ କପ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ଗୌଡ଼ପାଲି ଓ ଗୋଧିଡ଼ିପ ମଧ୍ୟରେ ଆୟୋଜିତ ହୋଇଥିଲା। ଗୋଧିଡ଼ିପ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭରରେ ୮ ଉଇକେଟ ବିନିମୟରେ ୧୨୫ରନ କରି ଚାମ୍ପିୟନ ହୋଇଥିଲା। ଗୌଡ଼ପାଲି ଦଳ ୧୫ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ରନ ସଂଗ୍ରହ କରି ରନର୍ସ ଅପ ହୋଇଥିଲା। ଗୋଧିଡ଼ିପର କାହ୍ନୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମିଥୁନଙ୍କୁ ମ୍ୟାନ ଅଫ ଦି ସିରିଜ ଘୋଷଣା କରାଯାଇଥିଲା। ସୁଶାନ୍ତ କୁମାର ନାଏକ ଓ ପିପୁଲ କୁମାର ବେହେରା ଖେଳ ପରିଚାଳନା କରିଥିଲେ। ରମେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ ମୁଖ୍ୟଅତିଥି, ଶିକ୍ଷକ ସମୀର କୁମାର ସେଠୀ ମୁଖ୍ୟବକ୍ତା ଓ ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ବଳମ ସରପଞ୍ଚ ବୀରେନ କୁମାର ପ୍ରଧାନ, ବ୍ଲକ ବିଜେଡ଼ି ଯୁବ ସଭାପତି ଧୀରେନ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଗୋଧିଡ଼ିପ ଓ ଉପବିଜେତା ଗୌଡ଼ପାଲି ଦଳକୁ ଟ୍ରଫି ସହ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ସିତୁନ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ବାଇକ୍‌କୁ ପିଟିଲା ଟ୍ରକ୍: ଜଣେ ମୃତ

**ରାଉରକେଲା ଅଫିସ,୬।୧**

ବ୍ରାହ୍ମଣୀତରଙ୍ଗ ଥାନା ରେଲୱେ ଓଭରବ୍ରିଜ୍ ନିକଟରେ ଏକ ଟ୍ରକ୍ ସହିତ ବାଇକର ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁଧୀର କୁମାର ପାତ୍ର(୩୮)। ପୋଲିସ କହିବା ଅନୁଯାୟୀ, ସେକ୍ଟର-୧ ସ୍ଥିତ କାଳିମନ୍ଦିର ବସ୍ତିର ସୁଧୀର ଗୁରୁବାର ଅପରାହ୍ଣ ସାଢ଼େ ୧ଟାରେ ବେଦବ୍ୟାସ ଅଞ୍ଚଳରୁ କାମସାରି ଘରକୁ ଫେରୁଥିଲେ। ଏହି ସମୟରେ ବେଦବ୍ୟାସ ରେଲୱେ ଓଭରବ୍ରିଜ ନିକଟରେ ଏକ ଟ୍ରକ (ନଂ.ଏପି୧୧ଏକ୍ସ/୯୪୧୪)ତାଙ୍କୁପଛପଟୁ ଧକ୍କା ଦେଇଥିଲା। ପୋଲିସ ତାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ଟ୍ରକ୍‌କୁ ଜବତ କରିବା ସହ ଏକ ମାମଲା (ନଂ.୫।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଦୁଇ ଦିନରେ ୧୧ ଆକ୍ରାନ୍ତ ଚିହ୍ନଟ

**କୁତ୍ରା,୬।୧( ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକରେ ଦୁଇ ଦିନରେ ୧୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବୁଧବାର ବ୍ଲକର ବିଭିନ୍ନ ସ୍ଥାନରୁ ୭ ଜଣ ଚିହ୍ନଟ ହୋଇଥିବା ବେଳେ ଆଜି ୪ ଜଣ ଚିହ୍ନଟ ହୋଇଛନ୍ତି।

## ଘରୁ ଯୁବକଙ୍କ ମୃତଦେହ ଜବତ

**ଝାରସୁଗଡ଼ା ଅଫିସ,୬।୧**

ଲଖନପୁର ଥାନା ଲଖନପୁର ଗ୍ରାମର ଏକ ଘର ଭିତରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଗୁରୁବାର ଝୁଲନ୍ତା ଅବସ୍ଥାରେ ଜବତ କରିଛି। ସେ ହେଲେ ସୁରେନ୍ଦ୍ର ରୋହିଦାସ (୩୮)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ମୃତକଙ୍କ ବଡଭାଇ କାର୍ତ୍ତିକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଏକ ମାମଲା (ନଂ୧/୨୨) ରୁଜୁକରି ତଦନ୍ତ ଚଳାଇଛି। ମାନସିକ ଚାପରୁ ସୁରେନ୍ଦ୍ର ଏଭଳି କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି।

## ଲେଫ୍ରିପଡା ଲ୍ୟାମ୍ପସର ବାର୍ଷିକ ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ଲେଫ୍ରିପଡା,୬।୧(ଡ଼ି.ଏନ.ଏ.)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ଲ୍ୟାମ୍ପସର ନବନିର୍ମିତ ଗୋଦାମ ଗୃହଠାରେ ଗୁରୁବାର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଲେଫ୍ରିପଡା ସମବାୟ ସଂପ୍ରସାରଣ ଅଧିକାରୀ ରବିଶଙ୍କର ଭିତ୍ରିଆ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଲେଫ୍ରିପଡା ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ପଟେଲ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ। ପରେ ଉପସ୍ଥିତ ଚାଷୀମାନଙ୍କ ଦ୍ୱାରା ପୂର୍ବବର୍ଷ ବିବରଣୀକୁ ଅନୁମୋଦନ କରାଯାଇଥିଲା। ଆଗାମୀ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ସମିତିର ବାର୍ଷିକ କାର୍ଯ୍ୟ ଖସଡ଼ା ବିଷୟରେ ଆଲୋଚନା କରାଯାଇ ଗତ ୨୦୨୧-୨୨ ଆର୍ଥିକ ବର୍ଷର ଜମା ଖର୍ଚ୍ଚ ଏବଂ ଅତିରିକ୍ତ ବଜେଟ ଉପସ୍ଥାପନା କରି ଅନୁମୋଦନ କରାଯାଇଥିଲା। ଏହାଛଡା ୨୦୧୮-୧୯ ବର୍ଷର ଅଡିଟ ରିପୋର୍ଟ ପଠନ କରି ତ୍ରୁଟି ସଂଶୋଧନ କରାଯାଇ ଥିଲା। ଚାଷୀମାନେ ଧାନ କିଣାରେ ହେଉଥିବା କଟନୀ ଛଟନୀ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏବଂ ଅଖା ବସ୍ତା ଫେରାଇବା ପାଇଁ ଦାବି ରଖିଥିଲେ। ଅନ୍ୟପକ୍ଷରେ ଲେଫ୍ରିପଡା ଠାରେ ନବନିର୍ମିତ ଗୋଦାମ ଗୃହ ପାଖରେ ଗାର୍ଡ ୱାଲ ନିର୍ମାଣ ଏବଂ ଗିରିଙ୍ଗକେଲା ପଞ୍ଚାୟତରେ ଗୋଦାମ ଗୃହ ନିର୍ମାଣ ପାଇଁ ଜମି ଚିହ୍ନଟ କରିବାକୁ ମତ ପ୍ରକାଶ ପାଇ ଥିଲା। ଏଥିରେ ବ୍ୟାଙ୍କ ମ୍ୟାନେଜର ଦିବ୍ୟଲୋଚନ ପଟେଲ, ସୁପରଭାଇଜର କହ୍ନୟାଲାଲ ବିଶ୍ୱକର୍ମା, ପୂର୍ବତନ ଲ୍ୟାମ୍ପସ ସଭାପତି ସୁନୀଲ କୁମାର କାଲୋ, ପୂର୍ବତନ ବୋର୍ଡ଼ ସଭ୍ୟ ମନୋଜ କୁମାର ପଟେଲ, ମୀନକେତନ ନାଏକ, ବିମଳ ପଟେଲ, ବଚନ ପ୍ରଧାନ, ଉଦିତକୁମାର ନାଏକ, ଅଗ୍ରଣୀ ଚାଷୀ ଜୟମଙ୍ଗଳ ପଟେଲ, କାର୍ତ୍ତିକ ଚୌଧୁରୀଙ୍କ ସମେତ ଅଞ୍ଚଳର ଚାଷୀ ଏବଂ ଏସଏଚଜି ଗ୍ରୁପର ମହିଳା ମାନେ ଯୋଗ ଦେଇଥିଲେ।

## ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ୫ ମାସ ଜେଲଦଣ୍ଡ

**ସୁନ୍ଦରଗଡ,୬।୧(ଡି.ଏନ୍.ଏ.)**

ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ବିଚାର କରି ସୁନ୍ଦରଗଡ ଜିଲା ଅତିରିକ୍ତ ଦୌରାଜଜ୍ ରାଜେଶ ଦାଶ ଜଣେ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କା ଜରିମାନା ସହ ୫ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରକାଶ ଯେ, ଗତ୨୦୧୧ ଜୁଲାଇ ୮ତାରିଖରେ ସୁନ୍ଦରଗଡ ଜିଲା କିଂଜିରିକେଲା ଥାନା ଏସଆଇ ଭାଗବତ ନାୟକ ଗଞ୍ଜେଇ ଚୋରାଚାଲାଣ ହୋଇ ସୁନ୍ଦରଗଡ ଆସୁଥିବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସ୍‌ପିଙ୍କୁ ସୂଚନା ଦେଇଥିଲେ। ପରେ ପୋଲିସ ସଦଳବଳ ଅଲାପକା ଛକରେ ଜଗି ରହିଥିଲେ। ଏହି ସମୟରେ ଅଭିଯୁକ୍ତ ବୁଧୁ ତିର୍କୀ ସେହି ଛକରେ ପହଞ୍ଚି ଏକ ବସ୍ତା ଧରି ଚାଲି ଯାଉଥିବା ବେଳେ ପୋଲିସ ସନ୍ଦେହରେ ତାଙ୍କୁ ଧରି ବସ୍ତା ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ପୋଲିସ ଏହି ଗଞ୍ଜେଇ ଜବତ କରି ଅଭିଯୁକ୍ତଙ୍କ ବିରୋଧରେ କିଂଜିରିକେଲା ଥାନା କେସ ନଂ୨୪ ତା୮।୭।୨୦୧୧ରିଖରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। ଅଦାଲତ ୧୧ଜଣଙ୍କ ସାକ୍ଷ୍ୟ ବୟାନକୁ ଗ୍ରହଣ କରି ଅଲାପକା ଗ୍ରାମର ଅଭିଯୁକ୍ତ ବୁଧୁ (୪୬)ଙ୍କୁ ୫ ମାସ ଜେଲଦଣ୍ଡ ସହ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ମାସ ଜେଲଦଣ୍ଡ ପାଇଁ ଅଦାଲତ ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁନ୍ଦରଲାଲ ବେହେରା ମାମଲା ପରିଚାଳନା କରୁଥିଲେ।

## ରେଳ ଷ୍ଟେଶନ ସୌନ୍ଦର୍ଯ୍ୟକରଣ ପାଇଁ ନିର୍ଦ୍ଦେଶ

**ରାଉରକେଲା ଅଫିସ,୬।୧**

ରାଉରକେଲା ରେଳ ଷ୍ଟେଶନର ଦ୍ୱିତୀୟ ପ୍ରବେଶପଥ ଓ ବିଏସ୍‌ଏନ୍‌ଲ ଛକରୁ ବାସନ୍ତୀ କଲୋନୀ ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ରାସ୍ତା ନିର୍ମାଣ ପାଇଁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅନୁମତି ଦେଇଛନ୍ତି। ଏହି ରାସ୍ତାକାମ ଆସନ୍ତା ୩ ମାସ ମଧ୍ୟରେ ଶେଷ ହେବ ବୋଲି ସ୍ଥିର କରାଯାଇଛି। ଏହି ରାସ୍ତା ହେଲେ ବାସନ୍ତୀ କଲୋନୀ, ଲେବର ଟୁନାମେଣ୍ଟ, ଲୁହାକେରା, ଝିରପାଣି, ଜଗଦା ଅଞ୍ଚଳବାସୀ ଉପକୃତ ହେବେ।

ସୂଚନାଯୋଗ୍ୟ, ରେଲୱେ କଲୋନୀ ଠାରୁ ବାସନ୍ତୀ କଲୋନୀ ପର୍ଯ୍ୟନ୍ତ ରାସ୍ତା ରେଲୱେ ଅଧୀନରେ ଥିବାରୁ ଏହା ନିର୍ମାଣ ପାଇଁ ରେଲୱେ ୧୧୦ କୋଟି ଟଙ୍କା ଦାଖଲ କରିବାକୁ ଦାବି କରି ରାସ୍ତାକାମ ବନ୍ଦ କରିଥିଲା। ଏ ନେଇ ଏହି ପ୍ରତିନିଧି ମଣ୍ଡଳୀ ଝାରସୁଗୁଡାଠାରେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଭେଟି ଉକ୍ତ ଟଙ୍କା ଛାଡ କରିବା ପାଇଁ ଅନୁରୋଧ କରିଥିଲେ। ରେଳମନ୍ତ୍ରୀ ଡିଆର୍‌ଏମ୍‌ଙ୍କ ସହ ଆଲୋଚନା କରିବା ପରେ ଏହି ଅର୍ଥ ଛାଡ କରି ରାସ୍ତା ନିର୍ମାଣ ପାଇଁ ଅନୁମତି ମିଳିଛି। ଏହି ପରିପ୍ରେକ୍ଷୀରେ ରେଲୱେର ବରିଷ୍ଠ ଅଧିକାରୀମାନେ ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା କରି ଅବଶିଷ୍ଟ ରାସ୍ତାକାମର ଦୋହରୀକରଣ ଓ ଉଭୟ ପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ପାଇଁ ନିଷ୍ପତ୍ତି ନେଇଛନ୍ତି।

## କୋଭିଡ୍ କଟକଣା ଅଣଦେଖା କରି ଉଦ୍‌ଘାଟନୀ କାର୍ଯ୍ୟକ୍ରମ

**ଜମନକିରା, ୬।୧(ଡି.ଏନ.ଏ.)**

ଜମନକିରା ବ୍ଲକ ସଦର ମହକୁମାରେ ଗୁରୁବାର କୋଭିଡ୍ କଟକଣା ଅଣଦେଖା କରି ଉଦଘାଟନୀ କାର୍ଯ୍ୟକ୍ରମ କରାଯିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମଧ୍ୟାହ୍ନରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମହିଳାମାନଙ୍କ ପାଇଁ ମିଶନ ଶକ୍ତି ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ସେ ବଡ଼ରମା ପଞ୍ଚାୟତ ଷଣ୍ଢପଥର ସରକାରୀ ଏସ୍‌ଏସ୍‌ଡ଼ି ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ଆରମ୍ଭ ହୋଇଥିବା ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଛାତ୍ରୀ ନିବାସ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ ସାମାଜିକ ଦୂରତା ପାଳନ କରୁ ନ ଥିବା ଦେଖାଯାଇଥିଲା। ଏଥିରେ ବିଡ଼ିଓଙ୍କ ସମେତ ସମସ୍ତ ବ୍ଲକ୍ ସ୍ତରୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଏଥିପ୍ରତି ଯେପରି କାହାରି ନଜର ନ ଥିଲା। ଏ ସମ୍ପର୍କରେ ବିଡ଼ିଓ ଟୁନୁ ମେହେରଙ୍କୁ ପଚାରିବାରୁ ସେ କୋଭିଡ୍ ଗାଇଡ୍‌ଲାଇନ ମାନି କାର୍ଯ୍ୟକ୍ରମ କରାଯାଇଥିବା କହିଥିଲେ।



କାର୍ଯ୍ୟକ୍ରମ ସ୍ଥଳରେ ସମବେତ ମହିଳା।

## ଶିଶୁ ଓ ମହିଳାଙ୍କ ପ୍ରତି ଶୋଷଣ, ଅତ୍ୟାଚାର ବୃଦ୍ଧି

**ସୁନ୍ଦରଗଡ,୬।୧(ଡି.ଏନ୍.ଏ.)**

ସୁନ୍ଦରଗଡ ସାଙ୍ଗଠନିକ ଜିଲା ମହିଳା ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭୋଜପୁରସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟଠାରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶାନ୍ତି ସରାଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଯୋଗ ଦେଇଥିଲେ। ରାଜ୍ୟ ସଭାନେତ୍ରୀ ପଟ୍ଟନାୟକ ଅଭିଯୋଗ କରିଥିଲେ ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଆଇନରେ କେନ୍ଦ୍ରର ସହଯୋଗକୁ ନିଜର କାର୍ଯ୍ୟକ୍ରମ କହି ରାଜ୍ୟ ସରକାର ଓଡିଶାବାସୀଙ୍କୁ ଭୁଆଁ ବୋଲାଉଛନ୍ତି। ଏହାଛଡା ଶିଶୁ,ମହିଳାମାନଙ୍କ ପ୍ରତି ଶୋଷଣ ,ଅତ୍ୟାଚାର ଓ ବଳାତ୍କାର ଭଳି ଘଟଣା ବୃଦ୍ଧି ପାଇଛି। ଆଗାମୀ ଦିନରେ ଭାଜପା ମହିଳା ମୋର୍ଚ୍ଚା ସଂଗଠିତ ହୋଇ କେନ୍ଦ୍ର ସରକାରଙ୍କ ଯୋଜନା ସଂପର୍କରେ ଲୋକଙ୍କ ଅବଗତ କରାଇ ରାଜ୍ୟରେ ସୁଶାସନ ପ୍ରତିଷ୍ଠା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ବୈଠକରେ ତଳସରା ବିଧାୟକ ତଥା ଜିଲା ଭାଜପା ସଭାପତି ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ବରିଷ୍ଠ ନେତା ସହଦେବ ଖାଖା, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସଂପାଦିକା କଳ୍ପନା ଲେଙ୍କା, ରୋଜାଲିନ୍ ଦାସ, ପ୍ରତିମା ମିଶ୍ର, ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ବଟ କିଶୋର ମିଶ୍ର ଯୋଗ ଦେଇଥିଲେ। ଏହାଛଡା ନରସିଂହ ମିଞ୍ଜ, ଜିଲା ସାଧାରଣ ସଂପାଦକ ସୁଖଲାଲ ମୁଣ୍ଡା, ଯଶୋବନ୍ତ ନାଏକ, ଭେଷଜ ରଥ, ଡା. ହିମାଂଶୁ ଶେଖର ଷଡଙ୍ଗୀ, ରାଜଗାଙ୍ଗପୁରର ଶଶୀରେଖା ସାମଲ, କାନନବାଳା, ସଂଯୁକ୍ତା ଦାସ, ମୀନା ଠାକୁର, ସ୍ନେହଲତା ବେଜିଙ୍କ ସମେତ ସୁନ୍ଦରଗଡ, ତଳସରା ଓ ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀର ଶତାଧିକ ମହିଳା କର୍ମୀ ଓ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।




ବୈଠକରେ ଯୋଗ ଦେଇଥିବା ନେତୃବୃନ୍ଦ।

### ଭାଜପା ଜିଲା ମହିଳା ମୋର୍ଚ୍ଚାର କାର୍ଯ୍ୟକାରିଣୀ ବୈଠକ

**ନେପାଳ ଫେରନ୍ତା କରୋନା ପଜିଟିଭ୍**

ଲାଞ୍ଜିଗଡ଼,(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ପରୀକ୍ଷା ସମୟରେ ସ୍ଥାନୀୟ ଅଞ୍ଚଳର ଜଣେ ନେପାଳ ଫେରନ୍ତା କରୋନା ଚିହ୍ନଟ ହୋଇଛନ୍ତି। ଏ ନେଇ ସୂଚନା ଦେବା ସହ ବର୍ତ୍ତମାନ ସମ୍ପୃକ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଓ ତାଙ୍କର କଣ୍ଟାକ୍ଟ ଟ୍ରେସିଂ ଜାରି ରହିଛି ବୋଲି ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ଭବାନୀଶଙ୍କର ଲେଙ୍କା ସୂଚନା ଦେଇଛନ୍ତି। ଏହାସହିତ ଲୋକେ ସତର୍କ ଓ ସଚେତନ ହେବା ଅତ୍ୟନ୍ତ ଜରୁରି ବୋଲି ସେ କହିଛନ୍ତି।

# ଭିମ୍‌ସାରରେ ଦ୍ୱିତୀୟ କୋଭିଡ୍ ମେଡିକାଲ

ସମ୍ବଲପୁର,୬।୧(ବ୍ୟୁରୋ)

ରାଜ୍ୟରେ କୋଭିଡ୍ ସଂକ୍ରମଣ ଉପରମୁହାଁ ହୋଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସବୁ ଦିଗରୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଏହାର ମୁକାବିଲା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ବୁର୍ଲା ଭିମ୍‌ସାରରେ ୨୦୨୧ ଅଗଷ୍ଟରୁ ବନ୍ଦ ପଡିଥିବା କୋଭିଡ୍ ମେଡିକାଲ-୧ ପୁନଃ କାର୍ଯ୍ୟକ୍ଷମ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ଅନୁମୋଦନ ପାଇଁ ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ସରକାରଙ୍କ ସ୍ୱୀକୃତି ପରେ ଶୀଘ୍ର ମେଡିକାଲ ଆରମ୍ଭ ହୋଇଯିବ ବୋଲି ନିର୍ଦ୍ଦେଶକ ମେହେର କହିଛନ୍ତି।

## ପୁନଃ କାର୍ଯ୍ୟକ୍ଷମ ନେଇ ପ୍ରକ୍ରିୟା ଆରମ୍ଭ

ସେ ଆହୁରି କହିଛନ୍ତି, ଜିଲାରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏବେ ଭିମ୍‌ସାରରେ ୩ ଶହ ଶଯ୍ୟା ବିଶିଷ୍ଟ କୋଭିଡ୍ ମେଡିକାଲ-୨ କାର୍ଯ୍ୟକ୍ଷମ ରହିଛି। ୫୦ ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି। ଆଗକୁ ସଂଖ୍ୟା ବୃଦ୍ଧି ପାଇଲେ ଚିକିତ୍ସା ସୁବିଧା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। କୋଭିଡ୍ ମେଡିକାଲ-୧ ଦୁଇଶହ ଶଯ୍ୟା ବିଶିଷ୍ଟ ରହିଛି। ଉଭୟ ମେଡିକାଲ କାର୍ଯ୍ୟକ୍ଷମ ହେଲେ ଏକା ସାଥିରେ ୫ଶହ ରୋଗୀଙ୍କ ଚିକିତ୍ସା କରାଯାଇପାରିବ। ସେଥି ମଧ୍ୟରୁ ୧ ଶହ ଆଇସିୟୁ ଓ ୮୦ ଶଯ୍ୟା ଏଚ୍‌ଡିୟୁ ରହିଛି। ପୂର୍ବରୁ ଆବଶ୍ୟକ ମେଡିସିନ ଓ ଅନ୍ୟ ସାମଗ୍ରୀ ଷ୍ଟକ ରହିଛି। ଦ୍ୱିତୀୟ ମେଡିକାଲ କାର୍ଯ୍ୟକ୍ଷମ ହେଲେ ଆବଶ୍ୟକ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ନିୟୁକ୍ତ କରାଯିବ। ଏହାସହ ମେଡିକାଲ ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି। ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲା ଓ ରାଜ୍ୟ ବାହାରୁ ରୋଗୀମାନେ ଭିମ୍‌ସାର ଉପରେ ନିର୍ଭର କରୁଛନ୍ତି। ସାମାନ୍ୟ ଲକ୍ଷଣ ଥିଲେ ଏଠାକୁ ରୋଗୀଙ୍କୁ ସ୍ଥାନାନ୍ତର କରାଯାଉଛି। ଅତ୍ୟାବଶ୍ୟକ ନ ହେବା ଯାଏ ରୋଗୀଙ୍କୁ ଭିମ୍‌ସାରକୁ ସ୍ଥାନାନ୍ତର ନ କରିବାକୁ ସେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ବୁର୍ଲା ଭିମ୍‌ସାରରେ କୋଭିଡ୍ ମେଡିକାଲ ୨୦୨୦ ଅକ୍ଟୋବରରେ କାର୍ଯ୍ୟକ୍ଷମ ହୋଇଥିଲା। ରୋଗୀ ସଂଖ୍ୟା ବୃଦ୍ଧି ପାଇବାରୁ ୨୦୨୧ ମେ ମାସରେ କୋଭିଡ୍ ମେଡିକାଲ-୨ କାର୍ଯ୍ୟକ୍ଷମ ହୋଇଥିଲା। ସମ୍ବଲପୁର ଜିଲାରେ ଗୁରୁବାର ୧୨୫ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ବୁଧବାର ୯୯ ଓ ମଙ୍ଗଳବାର ୪୨ ଜଣ ଚିହ୍ନଟ ହୋଇଥିଲେ।



ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାର ।

## ସଂକ୍ଷେପରେ

### ଦୁର୍ଘଟଣାରେ ନାକଟିଦେଉଳ ଏବିଇଓ ଗୁରୁତର

**ନାକଟିଦେଉଳ,୬।୧(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତ୍ରିନାଥ ଧଳ ଗୁରୁବାର ବାଇକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ଏବିଇଓ ଧଳ ସନ୍ଧ୍ୟାରେ ଜଗନ୍ନାଥପ୍ରସାଦସ୍ଥିତ ଅଫିସରୁ କାମ ସାରି ବାଇକ୍‌ରେ ନିଜ ଗ୍ରାମ ବାଟଗାଁ ପଞ୍ଚାୟତର ପ୍ରତାପପୁରକୁ ଫେରୁଥିଲେ। ଝାରବେଡ଼ା ଗ୍ରାମ ନିକଟରେ ଅନ୍ୟ ଏକ ବାଇକ୍ ସହ ଧକ୍କା ହେବାରୁ ସେ ତଳେ ଛିଟିକି ପଡିଥିଲେ। ତାଙ୍କ ଡ଼ାହାଣ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ନାକଟିଦେଉଳ ଡ଼ାକ୍ତରଖାନାକୁ ପଠାଇଥିଲେ। ସେଠାରୁ ତାଙ୍କୁ ବୁର୍ଲା ମେଡ଼ିକାଲକୁ ପଠାଇ ଦିଆଯାଇଛି।

### ନାକଟିଦେଉଳ: ପୃଥକ୍ ସ୍ଥାନରେ ଅଗ୍ନିକାଣ୍ଡ

**ନାକଟିଦେଉଳ,୬।୧(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକରେ ଗୁରୁବାର ପୃଥକ୍ ସ୍ଥାନରେ ଅଗ୍ନିକାଣ୍ଡ ଘଟି ୩ ବ୍ୟକ୍ତିଙ୍କ ୩ଟି ପାଳଗଦା ପୋଡିଯାଇଛି। ପୂର୍ବାହ୍ନରେ ନାକଟିଦେଉଳ ଥାନା ମାରୱାଡ଼ିମୁଣ୍ଡା ଗ୍ରାମର ସୁଲଭ ସାହୁଙ୍କ ଧାନ ବିଲରେ ଥିବା ପାଳଗଦାରେ ନିଆଁ ଲାଗିଥିଲା। ଏଥିରେ ପାଳଗଦା ପୋଡ଼ି ନଷ୍ଟ ହୋଇଯାଇଛି। ସେହିପରି ଶିମିଳିପାଳ ପଞ୍ଚାୟତ ଶରଧାପୁର ଗ୍ରାମର ନିରଞ୍ଜନ ସାହୁ ଓ ଅନ୍ତର୍ଯାମୀ ସାହୁଙ୍କ ପାଳଗଦାରେ ନିଆଁଲାଗି ଭସ୍ମୀଭୂତ ହୋଇଯାଇଛି। ନାକଟିଦେଉଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଆଶାୟୀ ସରପଞ୍ଚ ପ୍ରାର୍ଥୀଙ୍କୁ ହତ୍ୟା ଉଦ୍ୟମ:୪ ଅଟକ

**କୁଚିଣ୍ଡା,୬।୧(ଡି.ଏନ.ଏ.):** ମହୁଲପାଲି ଥାନା ବାଉରୀଗୋଡ ପଞ୍ଚାୟତର ଆଶାୟୀ ସରପଞ୍ଚ ପ୍ରାର୍ଥୀ ବିନୋଦ ବାଘଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଅଟକ ରଖିଛି। ସୂଚନା ଅନୁସାରେ ଗତ ୫ତାରିଖ ରାତିରେ ବାଉରୀଗୋଡ଼ା ଗ୍ରାମର ବିନୋଦ ପାରୁଆଭାଡିରୁ ଅର୍ଡାବାହାଲ ରାସ୍ତାରେ ବାଇକ୍‌ରେ ଯାଉଥିଲେ। ରାସ୍ତାରେ ୪ଜଣ ଯୁବକ ତାଙ୍କୁ ଆକ୍ରମଣ କରି ମାରିଦେବାକୁ ଉଦ୍ୟମ କରିଥିଲେ। ଏପରି କି ତାଙ୍କୁ ସରପଞ୍ଚ ଭାବେ ଛିଡ଼ା ନ ହେବାକୁ ଧମକ ଦେଇଥିଲେ। ବିନୋଦ ଜୀବନ ବିକଳରେ କୌଣସି ମତେ ଖସିଆସି ଅର୍ଡାବାହାଲ ସରପଞ୍ଚ କିଶୋର କିସାନ ଓ ପୋଲିସକୁ ଫୋନ ଯୋଗେ ଖବର ଦେଇଥିଲେ। ସରପଞ୍ଚ ତାଙ୍କ ସମର୍ଥକଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚିବା ପରେ ଆକ୍ରମଣକାରୀ ଯୁବକମାନେ ଫେରାର ହୋଇଯାଇଥିଲେ। ପରେ ମହୁଲପାଲି ଆଇଆଇସି ସୁଶାନ୍ତ ଦାସ ପହଞ୍ଚି ବିନୋଦଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ବିନୋଦଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଆଇପିସି ଦଫା ୩୪୧,୨୯୪,୩୨୩,୩୦୭, ୫୦୬/୩୪ରେ ମାମଲା (ନଂ.୪/୨୨) ରୁଜୁ କରିବା ସହ ସମ୍ପୃକ୍ତ ଯୁବକ ଅର୍ଜୁନବାଡ଼ ଗ୍ରାମର ସୌମ୍ୟରଞ୍ଜନ ଧରୁଆ (୩୨), ଶ୍ରୀକାନ୍ତ ନାଏକ (୨୮), ଉଗ୍ରେସନ ମାଝି (୪୪) ଓ ସୀତେଶ ସେଠ (୨୮)ଙ୍କୁ ଥାନାରେ ଅଟକ କରି ତଦନ୍ତ କରୁଛି।

# ଖଟିଆରେ ବୁହାହେଲେ ରୋଗୀ

ଝାରସୁଗୁଡ଼ା ଅଫିସ,୬।୧

ଗାଁର ଉନ୍ନତି ହେଲେ ରାଜ୍ୟ ଓ ଦେଶର ବିକାଶ ହେବ ବୋଲି ସରକାର ପ୍ରଚାର ପ୍ରସାର କରୁଛନ୍ତି। ଏଥିପାଇଁ ସରକାରୀ ଯୋଜନାରେ ବହୁ ଅର୍ଥ ବ୍ୟୟ କରାଯାଉଛି। ହେଲେ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଗାଁର ବିକାଶ ହୋଇପାରୁନାହିଁ। ଫଳରେ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ଘଟଣା ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ସୋଡାମାଲ ପଞ୍ଚାୟତର ଅମନାପାଲି ଗ୍ରାମରେ ଦେଖିବାକୁ ମିଳିଛି।

ଏହି ଗ୍ରାମର ଜଗପଡା ନାମକ ଏକ ପଡାକୁ ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନ ଥିବାରୁ ଜଣେ ରୋଗୀଙ୍କୁ ତାଙ୍କ ସମ୍ପର୍କୀୟମାନେ ଖଟିଆରେ କାନ୍ଧେଇ ୧କି.ମି. ଦୂର ନେଲାପରେ ଆମ୍ବୁଲାନ୍ସରେ ନିଆଯାଇଥିଲା । ରୋଗୀ ଜଣଙ୍କ ହେଲେ ପଡାର ନାନୁ ମୁଣ୍ଡା(୫୦)। ସେ ଦୀର୍ଘ ୧ମାସ ହେଲା ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଘରେ ପଡିରହିଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଅଧିକ ଖରାପ ହେବାରୁ ସମ୍ପର୍କୀୟମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ୧୦୮ଆମ୍ବୁଲାନ୍ସକୁ ଫୋନ୍‌କରି ଡାକିଥିଲେ। ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ


ଅସୁସ୍ଥ ନାନୁ ମୁଣ୍ଡାଙ୍କୁ ସମ୍ପର୍କୀୟମାନେ ଖଟିଆରେ ବୋହିନେଉଛନ୍ତି।

## ଗାଁକୁ ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନାହିଁ

ପଡାକୁ ରାସ୍ତା ନ ଥିବାରୁ ୧କି.ମି. ଦୂରରେ ରହିଥିଲା। ରୋଗୀଙ୍କ ସମ୍ପର୍କୀୟମାନେ ନିରୁପାୟ ହୋଇ ଖଟିଆରେ ତାଙ୍କୁ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସୂଚନାଯୋଗ୍ୟ ଅମନାପାଲି ପର୍ଯ୍ୟନ୍ତ ମାଟି ରାସ୍ତା ବର୍ଷାଋତୁରେ କାଦୁଅ ହୋଇ ଶୋଚନୀୟ ହୋଇପଡୁଛି । ଏହାର ଉନ୍ନତୀକରଣ ପାଇଁ ଦୀର୍ଘବର୍ଷ ହେଲା ପଡାବାସୀ ପଞ୍ଚାୟତ, ବ୍ଲକ୍ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ବିଡିଓ ବିଜୟ ସୋୟଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ରିସିଭ୍ କରି ନ ଥିଲେ।

# ସୈନିକ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ସମ୍ବଲପୁର,୬।୧(ବ୍ୟୁରୋ)

ସମ୍ବଲପୁରର ବସନ୍ତପୁରଠାରେ ଥିବା ସୈନିକ ସ୍କୁଲରେ ବୁଧବାର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। କୋଭିଡ୍ କଟକଣା ଯୋଗୁ ପ୍ରଥମ ବର୍ଷ ଅନ୍‌ଲାଇନରେ ପାଠପଢା ଓ ପରୀକ୍ଷା କରାଯାଇଥିଲା। ଏବେ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ପ୍ରଥମ କରି ସ୍କୁଲକୁ ଆସିଛନ୍ତି। ସମସ୍ତଙ୍କର ଆର୍‌ଟିପିସିଆର୍ ଟେଷ୍ଟ ସହ ସାଙ୍ଗରେ ଆଣିଥିବା ବାକ୍ସ ଓ ଅନ୍ୟ ସମାଗ୍ରୀକୁ ସାନିଟାଇଜ କରାଯାଇଥିଲା। ୮ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ। ୨୦୦ ଛାତ୍ରୀଛାତ୍ର ପ୍ରବେଶ କରିବେ। ପର୍ଯ୍ୟାୟକ୍ରମେ ୫୦ ଜଣ ଲେଖାଏଁ ଆସିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୂଚନାଯୋଗ୍ୟ ସ୍କୁଲ ପ୍ରତିଷ୍ଠାକୁ ୨ ବର୍ଷ ବିତିଛି। ହେଲେ କୋଭିଡ କଟକଣା ଯୋଗୁ ଅନ୍‌ଲାଇନରେ ଶିକ୍ଷାଦାନ ଚାଲିଥିଲା।


ଜଣେ ଛାତ୍ରଙ୍କ ଆର୍‌ଟିପିସିଆର୍ ଟେଷ୍ଟ କରାଯାଉଛି।

# ରାଜଧାନୀ କୋଚ ସହ ପୁରୀ-ହଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍‌ର ଶୁଭାରମ୍ଭ କଲେ ରେଳମନ୍ତ୍ରୀ

ଭୁବନେଶ୍ୱର,୬।୧(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ଗୁରୁବାର ପୁରୀ-ହଟିଆ-ପୁରୀ-ତପସ୍ୱିନୀ ଏକ୍ସପ୍ରେସର ରାଜଧାନୀ କୋଚ ସହିତ ଚଳାଚଳକୁ ଆଭାସୀ (ଭିଡିଓ କନଫରେନ୍ସି) ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଆଭାସୀ ମାଧ୍ୟମରେ ନିଜର ବକ୍ତବ୍ୟ ରଖିଛନ୍ତି।

ଯାତ୍ରୀମାନଙ୍କୁ ଉନ୍ନତ ତଥା ଆରାମଦାୟକ ଯାତ୍ରା ଯୋଗାଇବା ପାଇଁ ରେଳବାଇ ପକ୍ଷରୁ ୧୮୪୫୨/୧୮୪୫୧ ପୁରୀ-ହଟିଆ-ପୁରୀ-ତପସ୍ୱିନୀ ଏକ୍ସପ୍ରେସକୁ ବର୍ତ୍ତମାନ ପ୍ରଚଳିତ କୋଚ ପରିବର୍ତ୍ତେ ଉନ୍ନତମାନର ରାଜଧାନୀ କୋଚ ଭଳି ଲିଙ୍କେ-ହୋଫମାନ-ବୁଶ(ଏଲ୍‌ଏଚବି) କୋଚ ସହିତ ଚଳାଚଳ କରାଯାଇଛି। ଏହି ସୁବିଧା ଆରାମଦାୟକ ଯାତ୍ରା ଅଭିଜ୍ଞତା ଏବଂ କମ୍ ଶବ୍ଦ ସହିତ ସୁରକ୍ଷାକୁ ବୃଦ୍ଧି କରାଇବ ବୋଲି ମନ୍ତ୍ରୀ ବୈଷ୍ଣବ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡଙ୍ଗୀ, ବିଧାୟକ ସୁରେଶ କୁମାର ରାଉତରାୟ ଭୁବନେଶ୍ୱର ରେଳଷ୍ଟେସନ ଠାରେ ସମ୍ମାନୀୟ ଅତିଥି ଭାବେ ଯୋଗଦାନ କରିଛନ୍ତି। ପୁରୀ, କଟକ, ଢେଙ୍କାନାଳ, ଅନୁଗୋଳ, ରେଢାଖୋଲ, ସମ୍ବଲପୁର, ଝାରସୁଗୁଡା, ରାଉରକେଲା ଏବଂ ହାତୀଆ ଠାରେ ଜନପ୍ରତିନିଧିମାନେ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

ଏହି ଅବସରରେ ବୈଷ୍ଣବ କହିଛନ୍ତି, ଓଡିଶାରେ ରେଳ ପ୍ରକଳ୍ପ ସମ୍ପାଦନ ପାଇଁ ପାଣ୍ଠିର ପ୍ରତିବନ୍ଧକ ପାଇଁ ବିଳମ୍ବ ହେବନାହିଁ। ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାଦ୍ୱାରା ଚାଲୁ ରହିଥିବା ପ୍ରକଳ୍ପ ଶୀଘ୍ର ଶେଷ ହେବ। ଏହାସହ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସେ ଆଲୋକପାତ କରିଛନ୍ତି। ଏହି ଉତ୍ସବରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଅର୍ଚ୍ଚନା ଯୋଶୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଖୋର୍ଦ୍ଧା ରୋଡ ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରାୟ ପ୍ରାରମ୍ଭିକ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କଟକ ରେଳ ଷ୍ଟେସନ ଠାରେ ଦ୍ୱିତୀୟ ପ୍ରବେଶ ପଥର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହାସହ କଟକ ଷ୍ଟେସନ ନିରୀକ୍ଷଣ କରିବା ସହ ଯାତ୍ରୀଙ୍କ ସୁବିଧା ସମ୍ବନ୍ଧରେ ମଧ୍ୟ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି।

# ପୌରାଞ୍ଚଳରେ ହାଇଜେନିକ କିଟ୍ ବିତରଣ

ଦେବଗଡ଼,୬।୧(ଡି.ଏନ.ଏ)

ଭାରତୀୟ ରେଡକ୍ରସ ସୋସାଇଟି ଓଡିଶା ଶାଖା ତଥା ଦେବଗଡ ଜିଲା ଯୁବ ରେଡକ୍ରସ ଓ ଜୁନିୟର ରେଡକ୍ରସ୍‌ର ମିଳିତ ଉଦ୍ୟମରେ ଗୁରୁବାର ଦେବଗଡ ପୌରାଞ୍ଚଳର ବିଭିନ୍ନ ବସ୍ତି ତଥା ଅନୁଷ୍ଠାନରେ ହାଇଜେନିକ କିଟ୍ ବଣ୍ଟନ କରାଯାଇଛି। ଉକ୍ତ ହାଇଜେନିକ କିଟ୍‌କୁ ପର୍ଯ୍ୟାୟ କ୍ରମେ ସ୍ଥାନୀୟ ପୌରାଞ୍ଚଳ ଆଶ୍ରୟ ସ୍ଥଳ, କୁଷ୍ଠାଶ୍ରମ, ସ୍ୱତନ୍ତ୍ର ସବ୍‌ଜେଲ ତଥା ବାଳାଶ୍ରମର ଅନ୍ତେବାସୀମାନଙ୍କୁ ବଣ୍ଟନ କରାଯାଇଥିଲା। ଜିଲା ରେଡକ୍ରସ୍ ଅଫିସର ସୁଶାନ୍ତ କୁମାର ନାୟକ ଏବଂ ଜୁନିୟର ରେଡକ୍ରସ ଅଫିସର ଲକ୍ଷ୍ମଣ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହାଇଜେନିକ କିଟ୍ ବଣ୍ଟନରେ ଦେବଗଡ ଜିଲା ଯୁବ ରେଡକ୍ରସ ସଂଯୋଜକ ମନୋଜ କୁମାର ପ୍ରଧାନ, ଆବାହକ ମନୋରଞ୍ଜନ ମାରାଣ୍ଡି, କାଉନସେଲର ସସ୍ମିତା କେର୍କେଟା, ବବିତା ବାଞ୍ଜି ଏବଂ ଜୁନିୟର ରେଡକ୍ରସ୍ କାଉନସେଲର ରଞ୍ଜିତା ମିଶ୍ର ସହଯୋଗ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଯୁବ ଏବଂ ଜୁନିୟର ରେଡକ୍ରସ୍‌ର ମିଳିତ ସହଯୋଗରେ ସମଗ୍ର ଜିଲାରେ ପର୍ଯ୍ୟାୟ କ୍ରମେ ହାଇଜେନିକ କିଟ୍ ବଣ୍ଟନ କରାଯିବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି ।


ଦେବଗଡ଼ ପୌରାଞ୍ଚଳରେ ହାଇଜେନିକ୍ କିଟ୍ ବଣ୍ଟନ କରାଯାଉଛି।

# ଏମ୍‌ସିଏଲ୍ ଖଣି କାର୍ଯ୍ୟାଳୟରେ ସଶସ୍ତ୍ର ଡକାୟତି

ଝାରସୁଗୁଡ଼ା ଅଫିସ,୬।୧

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର ଖୋଲାମୁହାଁ କୋଇଲାଖଣିର ଇଲେକ୍ଟ୍ରିକାଲ୍ ଆଣ୍ଡ ମେକାନିକାଲ୍ ୱାର୍କଶପ୍‌ରେ ବୁଧବାର ରାତିରେ ସଶସ୍ତ୍ର ଡକାୟତି ହୋଇଛି। ୮ରୁ୧୦ଜଣ ଡକାୟତ ବିଭିନ୍ନ ମାରଣାସ୍ତ୍ରରେ ସଜ୍ଜିତ ହୋଇ ୨ଜଣ ସୁରକ୍ଷାକର୍ମୀଙ୍କୁ ବାନ୍ଧି କାର୍ଯ୍ୟାଳୟରୁ କମ୍ପ୍ୟୁଟର, ଡିଭିଆର୍, ଲାପ୍‌ଟପ୍ ଆଦି ଲୁଟି ନେଇଛନ୍ତି। ଏ ନେଇ ଏମ୍‌ସିଏଲ୍ ସିକ୍ୟୁରିଟି ଇନ୍‌ଚାର୍ଜ ସେଟିଲାଲ୍ ଲଖନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ୫/୨୨) ରୁଜୁକରି ତଦନ୍ତ ଚଳାଇଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ଟେର ପାଇନାହିଁ।

# ଭାରତ ସ୍ୱାଭିମାନର ପ୍ରତିଷ୍ଠା ଦିବସ

ସମ୍ବଲପୁର,୬।୧(ବ୍ୟୁରୋ)

ଭାରତ ସ୍ୱାଭିମାନର ପ୍ରତିଷ୍ଠା ଦିବସ ସମ୍ବଲପୁର ହୀରାକୁଦ କଲୋନୀସ୍ଥିତ ପତଞ୍ଜଳୀ ଯୋଗ କେନ୍ଦ୍ରଠାରେ ପାଳିତ ହୋଇଯାଇଛ। ଏଥିସହ ଅମୃତ ମହୋତ୍ସବ ଅନ୍ତର୍ଗତ ୭୫ କୋଟି ସୂର୍ଯ୍ୟ ନମସ୍କାର ଶୁଭାରମ୍ଭ ହୋଇଛି। ଏହା ୨୧ଦିନ ଧରି ଚାଲିବ। ପ୍ରତ୍ୟେକ ଦିନ ୧୩ ଥର ସୂର୍ଯ୍ୟ ନମସ୍କାର କରାଯିବ। ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ ଜେ. ଗିରିଜା ଦେବୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଯୋଗ ଅଭ୍ୟାସ ପରେ ବୈଦିକ ଯଜ୍ଞ କରାଯାଇଥିଲା। ଯୋଗ ପ୍ରଶିକ୍ଷିକା ପଦ୍ମିନୀ ମୁଣ୍ଡା, ପ୍ରଶାନ୍ତ ମେହେର, ଉର୍ମିଳା ସାହୁ, ପରୀ ଅଗ୍ରୱାଲ, ଅରୁଣ ବିହାରୀ, ପଙ୍କଜିନି ରାଉତ, ପୁଷ୍ପା ନାୟକ, ସୁରେନ୍ଦ୍ର ନାୟକ, ବିଶ୍ୱ ଚିତ୍ରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୮ ଶାଖା ଡାକଘର ଲୋକାର୍ପିତ

ଦେବଗଡ଼,୬।୧(ଡି.ଏନ.ଏ)

ଦେବଗଡ ଜିଲାରେ ଗୁରୁବାର ନୂତନ ଭାବେ ୧୮ଟି ଶାଖା ଡାକଘର ଲୋକାର୍ପିତ ହୋଇଛି । ଏହାକୁ କେନ୍ଦ୍ର ରେଳ ଏବଂ ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲ ମୋଡରେ ଲୋକାର୍ପିତ କରିଥିଲେ। ଏହି ଉପଲକ୍ଷେ ସ୍ଥାନୀୟ ଦେବଗଡ ମୁଖ୍ୟ ଡାକଘର ପରିସରରେ ଦେବଗଡ ପୋଷ୍ଟାଲ ଇନ୍ସପେକ୍ଟର ମନୋରଞ୍ଜନ ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସ୍ୱତନ୍ତ୍ର ଲୋକାର୍ପଣ ଉତ୍ସବରେ ଦେବଗଡ ବିଧାୟକ ସୁଭାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ବଲପୁର ପୋଷ୍ଟାଲ ଡିଭିଜନର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ତାପସ କୁମାର ପରେଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ, ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜ ସମେତ ଦେବଗଡ ମୁଖ୍ୟ ଡାକଘର ଏବଂ ଡାକ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଲୋକାର୍ପିତ ହୋଇଥିବା ୧୮ଟି ଶାଖା ଡାକଘର ମଧ୍ୟରେ ପରା, କୋହ୍ଲବସା, କାଳିଆପାଳ, ଆଉସ, ଗୁଣ୍ଡିଆପାଲି, ବିଜୟନଗର, ଝରାକଣ୍ଟେଲ, କଣ୍ଟେଲ, ସଡୋ, ପାଲକୁଦର, କେଲଡା, ଗୋଳାବନ୍ଧ, ରାଇତାବାହାଲ, ସିଂହଶାଳ, ବାଘବର, ଚଢେଇମରା, ନୂଆପଡା ଓ ବଡଛାପଲ ଆଦି ରହିଛି ।

# ଅନଶନରୁ ଓହରିଲା ଅମଲା ସଂଘ

ସମ୍ବଲପୁର,୬।୧(ବ୍ୟୁରୋ)

ବୁର୍ଲା ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟାଳୟ ସମ୍ମୁଖରେ ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଅମଲା ସଂଘ କର୍ମକର୍ତ୍ତା ଆନ୍ଦୋଳନରୁ ଓହରି ଯାଇଛନ୍ତି। ସିଇଓ ଗଜାନନ କାଲେ, ମୁଖ୍ୟ କର୍ପୋରେଟ କମ୍ୟୁନିକେଶନ ମନୋଜ ପଟ୍ଟନାୟକ ଆନ୍ଦୋଳନକାରୀଙ୍କୁ ଫଳ ରସ ପିଆଇ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ ଜାନୁୟାରୀ ୩ରୁ ଅମଲା ସଂଘ ପକ୍ଷରୁ ଆମରଣ ଅନଶନ ଜାରି ରହିଥିଲା। ଓଏଜଙ୍କ ଚାକିରି ସର୍ତ୍ତାବଳୀ ଓ ପଦୋନ୍ନତି, ଦଶମ ମଜୁରି ନିର୍ଦ୍ଧାରଣର ବକେୟା ୫୦ ପ୍ରତିଶତ ପ୍ରଦାନ, ଡାଟା ଏଣ୍ଟ୍ରି ଅପରେଟରଙ୍କ ଚାକିରି ରେଗୁଲାର କରିବା ପ୍ରଭୃତି ଦାବି ରହିଥିଲା। ସଂଘ ସଭାପତି ନରେନ୍ଦ୍ର ପ୍ରକାଶ ରାୟଗୁରୁ, ଉପସଭାପତି ଅବିନାଶ ମିଶ୍ର, ଉପସାଧାରଣ ସମ୍ପାଦକ ମୁକୁନ୍ଦ ମିର୍ଦ୍ଧା, ଉପଦେଷ୍ଟା ସର୍ବେଶ୍ୱର ପଣ୍ଡା, ଅନୀଲ କୁମାର ଦେବତା, ଉପସମ୍ପାଦକ ମୁକୁନ୍ଦ କୁମାର ମିର୍ଦ୍ଧା, କୋଷାଧ୍ୟକ୍ଷ ଶ୍ରୀକାନ୍ତ ପଣ୍ଡା, ନିଖିଳ ଓଡ଼ିଶା ମଜଦୁର ମହାସଂଘର ସାଙ୍ଗଠନିକ ସମ୍ପାଦକ ବିସ୍ମୟ ହୋତା ଓ ଉପସଭାପତି ଚକ୍ରଧର ପ୍ରଧାନ ଉପସ୍ଥିତ ଥିଲେ।


ସଂଘ କର୍ମକର୍ତ୍ତାଙ୍କୁ ଫଳ ରସ ପିଆଉଛନ୍ତି ଅଧିକାରୀ।

# ଟେଣ୍ଡର ସର୍ତ୍ତରେ ଖିଲାପ କରୁଛି ପୂର୍ତ୍ତ ବିଭାଗ

ସମ୍ବଲପୁର,୬।୧(ବ୍ୟୁରୋ)

- ପ୍ଲାଣ୍ଟ ବଦଳରେ ଜେସିବିରେ ମିଶ୍ରଣ
- ୫ ହଜାରରେ ମାନ ପରୀକ୍ଷା ସାର୍ଟିଫିକେଟ

ପୂର୍ତ୍ତ ବିଭାଗର ପ୍ରତ୍ୟେକ ପ୍ରକଳ୍ପର ମାନ ଓ କାମ ପାଇଁ ବିଭାଗ ପକ୍ଷରୁ କଡ଼ା ନିୟମ ରହିଛି। ଏହା ଉଭୟ ଠିକାଦାର ଓ ବିଭାଗ ପାଇଁ ପ୍ରଯୁଜ୍ୟ। ଏପରି କି ଟେଣ୍ଡର ଆହ୍ୱାନ ସମୟରେ ସମସ୍ତ ସର୍ତ୍ତାବଳୀ ଉଲ୍ଲେଖ ହୋଇଥାଏ। ତଦନୁସାରେ କାମ ତଦାରଖ ପାଇଁ ଜେଇଠାରୁ ଆରମ୍ଭ କରି ନିର୍ବାହୀଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ଦାୟିତ୍ୱ ରହିଥାଏ। ହେଲେ ବିଭାଗୀୟ ଅଧିକାରୀ ଟେଣ୍ଡରରେ ଥିବା ସର୍ତ୍ତାବଳୀର ଖିଲାପ କରୁଥିବା ଅଭିଯୋଗ ହେଉଛି। ସମ୍ବଲପୁର ଜିଲାର ପୂର୍ତ୍ତ ବିଭାଗ ନାମରେ ଏଭଳି ଅଭିଯୋଗ ଆସିଛି। ଟେଣ୍ଡର ଆହ୍ୱାନ ସମୟରେ ଡବ୍ଲ୍ୟୁଏମ୍‌ଏମ୍ ତିଆରି କରିବା ପାଇଁ ପ୍ଲାଣ୍ଟର ଥିବା ଆବଶ୍ୟକତା ଓ ପ୍ଲାଣ୍ଟରେ ମିଶ୍ରଣ କରାଯାଇ ବ୍ୟବହାର କରାଯିବାକୁ କଡା ନିର୍ଦ୍ଦେଶ ରହିଛି। ହେଲେ ରାସ୍ତା ନିର୍ମାଣରେ ଅନେକ ଠିକାସଂସ୍ଥା ନିୟମ ପାଳନ କରୁ ନାହାନ୍ତି। ଡବ୍ଲ୍ୟୁଏମ୍‌ଏମ୍ ତିଆରି କରିବା ପାଇଁ ପଥରଗୁଣ୍ଡ (ଡଷ୍ଟ), ମେଟାଲ (୩୦/୪୦ଏମ୍‌ଏମ୍), କେତେ ମାତ୍ରାରେ ସିମେଣ୍ଟ ଆବଶ୍ୟକ ପଡିଥାଏ। ପ୍ଲାଣ୍ଟରେ ମିଶ୍ରଣ କଲେ ଉତ୍ତମ ମାନର ଡବ୍ଲ୍ୟୁଏମ୍‌ଏମ୍ ତିଆରି ହୋଇପାରିବ। କେତେ ପରିମାଣ ମେଟାଲ, ଡଷ୍ଟ, ସିମେଣ୍ଟ ଲାଗିବ ଅଟୋମେଟିକେ ଭାବେ ଜଣାପଡିଥାଏ। କେଉଁ ସାମଗ୍ରୀ କମ୍ କିମ୍ବା ବେଶି ହେଲେ ସୂଚନା ଦେଇଥାଏ। ଏଥିରେ ମାନକୁ ନେଇ ସନ୍ଦେହ କରିହେବ ନାହିଁ। କିନ୍ତୁ କେତେକ ସ୍ଥାନରେ ଠିକାସଂସ୍ଥା ଜେସିବିରେ ମିଶ୍ରଣ କରି ତିଆରି କରୁଥିବାରୁ ଡବ୍ଲ୍ୟୁଏମ୍‌ଏମ୍ ମାନ ଠିକ ରହୁ ନାହିଁ। ଏହା ରାସ୍ତା ଉପରେ ପକାଇଲେ ନିମ୍ନମାନର ହେବ। ଏ ନେଇ ବିଭାଗ ପାଖରେ ଅଭିଯୋଗ କଲେ ଅଜବ ଯୁକ୍ତି ବାଢୁଛନ୍ତି। ଜେସିବିରେ ମିଶାଇଲେ ମାନ ଭଲ ହୋଇଥାଏ ବୋଲି ଅଭିଯୋଗକାରୀଙ୍କୁ ବିଭାଗର ଅଧିକାରୀ କହୁଛନ୍ତି। ଏପରି କି ମାନ ପରୀକ୍ଷା ସାର୍ଟିଫିକେଟ ଠିକା ସଂସ୍ଥା ଦାଖଲ କରୁଛନ୍ତି ବୋଲି କହୁଛନ୍ତି। ଯୁଜୁମୁରା ବ୍ଲକ ମୁଣ୍ଡେର-ଖଇରମାଲ ନିର୍ମାଣାଧୀନ ରାସ୍ତା ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ଏଭଳି ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ କ୍ରମେ ୫୫ନଂ. ଜାତୀୟ ରାଜପଥର ମୁଣ୍ଡେର ଛକଠାରୁ ସାପଲହରା ଭାୟା ଖଇରମାଲକୁ ରାସ୍ତା ନିର୍ମାଣ କରାଯାଉଛି। ୧୨ କି.ମି. ରାସ୍ତା ପାଇଁ ପ୍ରାୟ ସାଢେ ୭ କୋଟି ବ୍ୟୟ ଅଟକଳ ରଖାଯାଇଛି। କାମର ମାନକୁ ନେଇ ପୂର୍ବରୁ ଅନେକ ଅଭିଯୋଗ ହୋଇଥିଲା। କେବଳ ଗୋଟିଏ ପ୍ରକଳ୍ପ ନୁହେଁ ଜିଲାରେ ଚାଲିଥିବା ଅଧିକାଂଶ ପ୍ରକଳ୍ପରେ ଏଭଳି ବ୍ୟତିକ୍ରମ ହେଉଛି। ଯଦି ଜେସିବିରେ ମାନ ଭଲ ହେଉଛି ତା'ହେଲେ ପ୍ଲାଣ୍ଟ ଆବଶ୍ୟକ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ସମୟରେ ସର୍ତ୍ତାବଳୀ କାହିଁକି ରଖାଯାଉଛି ବୋଲି କହିଛନ୍ତି। କେବଳ ଡବ୍ଲ୍ୟୁଏମ୍‌ଏମ୍ ନୁହେଁ କଂକ୍ରିଟ, ଡ୍ରେନ ତିଆରି କାମରେ ମଧ୍ୟ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି। ମାନ ପରୀକ୍ଷା ସାର୍ଟିଫିକେଟ ୫ ହଜାର ଟଙ୍କା ଦେଲେ ମିଳିଯାଉଛି। ଯାଞ୍ଚ ଏଜେନ୍ସି କାମସ୍ଥଳକୁ ମଧ୍ୟ ଆସୁନାହାନ୍ତି। ତେଣୁ ସାର୍ଟିଫିକେଟ ଆଧାରରେ ମାନ ଦେଖା ନ ଯାଇ ଘଟଣାସ୍ଥଳକୁ ଆସି ଯାଞ୍ଚ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ଡି. ବେହେରା କହିଛନ୍ତି, କାମର ମାନକୁ ନେଇ ଯାଞ୍ଚ କରାଯିବ। ନିୟମ ଅନୁସାରେ ଯେଭଳି କାମ ହେବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ।



ରାସ୍ତା ନିର୍ମାଣରେ ଜେସିବି ସାହାଯ୍ୟରେ ମିଶ୍ରଣ କରାଯାଉଛି ।

## ଓମିକ୍ରନ୍ ମୃତ୍ୟୁ ପରେ ଡୁଙ୍ଗରିପାଲିରେ କୋକୁଆ ଭୟ

ଲୋଇସିଂହା,(ଡି.ଏନ.ଏ.): ୨୦୨୦ ଡିସେମ୍ବର ୨୭ରେ ଭିମସାରରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଙ୍ଗରିପାଲି ଗାଁର ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା । ମୃତ୍ୟୁର ୧୧ ଦିନ ପରେ ଗୁରୁବାର ତାଙ୍କର ଓମିକ୍ରନ ପଜିଟିଭ ରିପୋର୍ଟ ଆସିଛି । ଏହି ଘଟଣା ଜଣା ପଡିବା ପରେ ଡୁଙ୍ଗୁରିପାଲିରେ କୋକୁଆ ଭୟ ସୃଷ୍ଟି ହୋଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁର ୧୭ ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇଛି। ଏଥିରେ ପରିବାରର ୮ ଜଣଙ୍କ ଆରଟିପିସିଆର ଏବଂ ପଡୋଶୀ ୯ ଜଣଙ୍କର ଆଣ୍ଟିଜେନ ଟେଷ୍ଟ ହୋଇଛି। ସରକାର ମୃତା ଓମିକ୍ରନ ଆକ୍ରାନ୍ତ ଥିବା ସ୍ପଷ୍ଟ କରିଥିବାରୁ ତାଙ୍କ ପରିବାରକୁ କୋଭିଡ-୧୯ସହାୟତା ଯୋଗାଇ ଦେବାକୁ ଗ୍ରାମର ଶମ୍ଭୁପ୍ରସାଦ ପଧାନ ଦାବି କରିଛନ୍ତି।

## ସଂକ୍ଷେପରେ

### ଇ-ବାଇକ୍ ଶୋ'ରୁମରେ ଅଗ୍ନିକାଣ୍ଡ: ଜଳିଗଲା ୨୧ ବାଇକ୍



ଅମରପାଲି,୬।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତ୍ରିବେଣୀ ଛକଠାରେ ଥିବା ସତ୍ୟନାରାୟଣ ଇ-ବାଇକ ଶୋ'ରୁମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ନିଆଁଲାଗି ଶୋରୁମ୍‌ରେ ଥିବା ୨୧ଟି ନୂତନ ଇ-ବାଇକ ସହିତ ଅନ୍ୟାନ୍ୟ ଉପକରଣ ଜଳିଯାଇଛି। ଗତ ରାତିରେ ମାଲିକ ପୂର୍ଣ୍ଣଚନ୍ଦ୍ର ମେହେର ଶୋ'ରୁମ ବନ୍ଦ କରି ଘରକୁ ଯାଇଥିଲେ। ରାତି ପ୍ରାୟ ୧୧।୩୦ରେ ଶୋ'ରୁମ ଭିତରୁ ଧୂଆଁ ବାହାରୁ ଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବୀରମହାରାଜପୁର ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କଲା ବେଳକୁ ନୂଆ ବାଇକ ସହିତ ଅନ୍ୟାନ୍ୟ ଇ-ବାଇକ ସାମଗ୍ରୀ ଜଳି ଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣା ପଡିନାହିଁ।

### ବାଇକ୍‌ରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ଅମରପାଲି,୬।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ କମିରା ଗାଆଁରେ ବୁଧବାର ବିଳମ୍ବିତ ରାତିରେ ଜଣେ ବ୍ୟବସାୟୀ ଚିତ୍ତରଞ୍ଜନ ବେଜଙ୍କ ବାଇକରେ ଦୁର୍ବୃତ୍ତ ନିଆ ଲଗାଇ ଦେଇଛନ୍ତି। ବେଜ ନିଜ ଦୋକାନ ସାମ୍ନାରେ ବାଇକ ରଖି ଭିତରେ ଶୋଇଥିବାବେଳେ ଏହି ଘଟଣା ଘଟିଛି । ଏ ନେଇ ସୁବଳୟା ଥାନାରେ ଏକ ମାମଲା (୩/୨୦୨୨) ରୁଜୁ ହୋଇଛି। ଏଏସଆଇ ନାରାୟଣ ସାହା ଘଟଣାର ତଦନ୍ତ କରୁଛନ୍ତି ।

### ଭାଙ୍ଗିଲେ ଘର, ଉଜାଡ଼ିଲେ ଫସଲ

ବିନିକା,୬।୧(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ସଂଘିଯୁବା ଓ ଭଣ୍ଡାର ଅଞ୍ଚଳରେ ହାତୀ ଉପଦ୍ରବ ଜାରୀ ରହିଛି। ବୁଧବାର ରାତିରେ ହାତୀପଲ କମିରା ଗ୍ରାମର ଅଷାଢୁ ନାଇକଙ୍କ ଅଧଏକର ଜମିର ଫୁଲ କୋବି ଓ ଅନ୍ୟନ୍ୟ ପରିବା ଚାଷକୁ ଖାଇବା ସହ ଦଳଚକଟି ଦେଇଛନ୍ତି। ଗ୍ରାମର ବିଶ୍ୱନାଥ ମହାକୁରଙ୍କ ଘରକୁ ଭାଙ୍ଗି ପକାଇଛନ୍ତି ହାତୀପଲ। ଅନ୍ୟପକ୍ଷେ ହାତୀ ଉପଦ୍ରବ ଯୋଗୁ କ୍ଷତିଗ୍ରସ୍ତ ଧାନ ଫସଲର କ୍ଷୟକ୍ଷତି ଆକଳନ କରିନାହିଁ ବନବିଭାଗ ।

### ପଞ୍ଚଖଣ୍ଡା କ୍ରିକେଟ: ଅନୁଗୋଳ ସେମିରେ

ଅମରପାଲି,୬।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ଖେଳପଡିଆରେ ଚାଲିଥିବା ୨ୟ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ଏହିଦିନ କଟାପାଲିକୁ ହରାଇ ଅନୁଗୋଳ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ଅନୁଗୋଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ହରାଇ ୧୦୫ରନ କରିଥିଲା। ଦଳର ରଞ୍ଜନ ବିଶ୍ୱାଳ ସର୍ବାଧିକ ୨୧ ରନ କରିଥିଲେ। କଟାପାଲିର ସନ୍ତୋଷ ଯାଦବ ୩ଟି ଉଇକେଟ ନେଇଥିଲେ। ଜବାବରେ କଟାପାଲି ଦଳ ୧୯.୨ ଓଭରରେ ୮ଉଇକେଟ ହରାଇ ୧୦୭ରନ କରିଥିଲା। ଦଳର ହିମାଂଶୁ ଭୋଇ ୩୫ରନ କରିଥିଲେ। ଅନୁଗୋଳର ବିକାଶ ସାହୁ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ଅନୁଗୋଳ ନିର୍ଦ୍ଧାରିତ ୬ ଓଭରରେ ୩ଉଇକେଟ ହରାଇ ୪୭ରନ କରିଥିଲା। ଜବାବରେ କଟାପାଲି ଦଳ ୬ଓଭରରେ ୪ଉଇକେଟ ହରାଇ ୩୯ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିଣିବାରୁ ସୁପରଓଭର ଖେଳାଯାଇଥିଲା। ଏଥିରେ ଅନୁଗୋଳ ପ୍ରଥମେ ୭ରନ କରିଥିବା ବେଳେ କଟାପାଲି ୫ରନ କରିଥିଲା। ଦୁଇଟି ଫର୍ମାଟରେ ବିଜୟୀ ହୋଇ ଅନୁଗୋଳ ୨-୧ ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ଶରତ ମିଶ୍ର ମୁଖ୍ୟ ଅତିଥି ଏବଂ ଶ୍ରୀନିବାସ ପଧାନ ଓ ରାମ ପ୍ରସାଦ କର୍ଣ୍ଣ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନୁଗୋଳର ବିକାଶ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଶୁକ୍ରବାର ଅନୁଗୋଳ ଓ ସୋନପୁର ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଖେଳା ଯିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ଦୀପଜାଳି, ଶପଥ ନେଇ ଧାନ ବିକୁଛି ଚାଷୀ

ଲୋଇସିଂହା, ୬।୧(ଡି.ଏନ.ଏ.)

ପଞ୍ଜୀକୃତ ଚାଷୀ ମଣ୍ଡିକୁ ଧାନ ବିକ୍ରି ପାଇଁ ଆଣିଲେ ନିଜ ଖେତର ବୋଲି ଦୀପଜାଳି ଶପଥ କରିବାକୁ ବାଧ୍ୟ କରାଯାଉଛି। ଏପରି ଅଭିଯୋଗ କରିଛନ୍ତି ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟିକା ପ୍ରାଥମିକ କୃଷି ସମବାୟ ସମିତିର ଚାଷୀମାନେ। ସରକାରୀ ବ୍ୟବସ୍ଥାରେ ଏପରି ବିଚିତ୍ର ନିୟମକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ବଡଟିକା ପ୍ୟାକ୍ସ ଅଧୀନରେ ବଡଟିକା, ଛାଏଛାପର, ଲରମ୍ବାମୁଣ୍ଡା, ଆଡେନଡୁଙ୍ଗରୀ, କରକଟିଆ ଓ କୁଦୋପାଲି ଗାଁ ରହିଛି । ୭ଖଣ୍ଡ ଗାଁର ୪୭୪ଜଣ ଚାଷୀ ଧାନ ବିକ୍ରି ସକାଶେ ପଞ୍ଜୀକୃତ ହୋଇଛନ୍ତି। ଚଳିତବର୍ଷ ଏକର ପ୍ରତି ୧୩ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଧାର୍ଯ୍ୟ ରହିଛି । ଅଦ୍ୟାବଧି ପ୍ୟାକ୍ସ ଅଧୀନ ୯୦ ଚାଷୀଙ୍କଠାରୁ ପ୍ରାୟ ୨୪ ଶହ କୁଇଣ୍ଟାଲ ଧାନକ୍ରୟ କରାଯାଇଛି। ତେବେ କରକଟିଆ, ପଣ୍ଡକିଟାକାଲ ଗ୍ରାମର ଗୋବର୍ଦ୍ଧନ ବାରିକ, ପ୍ରେମାନନ୍ଦ ଗଡତ୍ୟା, ରାତୁ ଧରୁଆ, କୁଳମଣି ଧରୁଆ, ଅଶୋକ କଲେତ, ପ୍ରଦୀପ ନନ୍ଦ, ଶୁକଦେବ ବାଗଙ୍କ ଅଭିଯୋଗ ହେଲା ଯେ, ଟୋକନ ପାଇଥିବା ଚାଷୀ ଧାନ ନେଇ ମଣ୍ଡିକୁ ଆସିଲେ ନିଜଖେତର ବୋଲି ଶପଥ ନେବାକୁ ପଡୁଛି । ଏକ ଦୀପ ସେଠାରେ ଜାଳିବାକୁ ବାଧ୍ୟ କରାଯାଉଛି । କରକଟିଆ ଗାଁର ସୁଧାଂଶୁ ଗଡତିଆଙ୍କ କହିବାନୁସାରେ ଦୀପଜାଳି ଶପଥ ନେତା ପରେ ତାଙ୍କ ଧାନ ପ୍ୟାକ୍ସ କର୍ତ୍ତୃପକ୍ଷ ଉଠାଇଛନ୍ତି। ପ୍ୟାକ୍ସ ସମ୍ପାଦକ ଜଗନ୍ନାଥ ପଧାନଙ୍କୁ ଏ ନେଇ ପଚାରିବାରୁ ଚାଷୀମାନେ ବୈଠକ କରି ଏପରି ନିଷ୍ପତ୍ତି ନେଇଥିବା କହିଛନ୍ତି। ବ୍ଲକ ସହକାରୀ ଯୋଗାଣ ଅଧିକାରୀ ସୌମ୍ୟ ମହାନନ୍ଦ ଏ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ଟୋକନ ପାଇଥିବା ପଞ୍ଜୀକୃତ ଚାଷୀ ଧାନ ବିକିବାରେ ପ୍ରତିବନ୍ଧକ ନାହିଁ ବୋଲି କହିଛନ୍ତି। ଡୁଡୁକା ବିଡିସିସି ବ୍ୟାଙ୍କ ଶାଖା ପରିଚାଳକ ସୁରୁମଣୀ ସାହୁଙ୍କୁ ପଚାରିବାରୁ ଏଭଳି ହେବା କଥା ନୁହେଁ ବୋଲି କହିଛନ୍ତି।

### ବଡଟିକା ପ୍ୟାକ୍ସରେ ବିଚିତ୍ର ନିୟମ



■ ଚାଷୀମାନେ ନିଷ୍ପତ୍ତି ନେଇଛନ୍ତି: ପ୍ୟାକ୍ସ ସମ୍ପାଦକ

## ପ୍ୟାକ୍ସରେ ଏଆରସିଏସ୍‌ଙ୍କୁ ଘେରିଲେ ଚାଷୀ

ଦେଓଗାଁ, ୬।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁଡୁର୍ଲା ପ୍ୟାକ୍ସକୁ ଗୁରୁବାର ସମବାୟ ବିଭାଗ ଏଆରସିଏସ ଚାଷୀଙ୍କ ଧାନ ଯାଞ୍ଚ ପାଇଁ ପହଞ୍ଚିଥିଲେ। ଟୋକନ ଆସି ନ ଥିବାରୁ ଧାନ ବିକ୍ରି କରିପାରୁ ନ ଥିବା ସ୍ଥାନୀୟ ଚାଷୀମାନେ ଅଭିଯୋଗ କରି ସମ୍ପୃକ୍ତ ଅଧିକାରୀଙ୍କୁ ଘେରିଥିଲେ। ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ଏଆରସିଏସ ପ୍ରଭାକର ନାଏକଙ୍କ ନେତୃତ୍ୱରେ ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ ପଧାନ, ରାଜସ୍ୱ ନିରୀକ୍ଷକ ଅଧିର ନାଏକ, ଗ୍ରାମ୍ୟ କୃଷି କର୍ମଚାରୀ ମାମିନା ଦେହୁରୀ, ଏସିଆରସିଏସ ରବିନ୍ଦ୍ର ପଣ୍ଡା ଘର ଘର ଯାଇ ଚାଷୀଙ୍କ ଧାନ ଅଛି କି ନାହିଁ ଯାଞ୍ଚ କରିଥିଲେ। ଅପରାହ୍ନରେ କୁଡୁର୍ଲା ପ୍ୟାକ୍ସରେ ଚାଷୀମାନେ ପହଞ୍ଚି ଧାନ ଯାଞ୍ଚକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ଅଧିକାରୀମାନଙ୍କୁ ଅଟକ ରଖିଥିଲେ। ପରେ ଚାଷୀଙ୍କ ପାଖରେ ଏବେବି ଧାନ ଗଚ୍ଛିତ ରହିଥିବା ଅଧିକାରୀମାନେ ସ୍ୱୀକାର କରିଥିଲେ। ପ୍ରାୟତଃ ଚାଷୀଙ୍କ ଟୋକନ ଆସି ନ ଥିବା ବେଳେ କିଭଳି ଯାଞ୍ଚ କରୁଛ ବୋଲି ପ୍ରଶ୍ନ କରିଥିଲେ। ଚାଷୀଙ୍କ ଧାନ ବିକ୍ରି ସମସ୍ୟାର ସମାଧାନ ନ ହେବା ଯାଏ ପ୍ୟାକ୍ସ ଭିତରୁ ଛାଡିବୁ ନାହିଁ ବୋଲି ଚାଷୀମାନେ ଅଡି ବସିଥିଲେ। ଖବର ପାଇ ଦେଓଗାଁ ତହସିଲଦାର ଯୁଗଲ କିଶୋର ବିଶ୍ୱାଳ ପ୍ୟାକ୍ସରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥଇଲେ। ପଞ୍ଜୀକୃତ ଚାଷୀଙ୍କ ଧାନ ଶତ ପ୍ରତିଶତ ପ୍ୟାକ୍ସରେ ବିକ୍ରି କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।



କୁଡୁର୍ଲା ପ୍ୟାକ୍ସରେ ଏଆରସିଏସଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି ।

## ବାହାର ଜିଲାରୁ ଆସୁଛି ଧାନ

ସୋନପୁର,୬।୧(ନି.ପ୍ର.)

### ଯୋଗାଣ ବିଭାଗର ଚଢାଉ, ଧାନ ବୋଝେଇ ଟ୍ରକ୍ ଜବତ

ବାହାର ଜିଲାର ଧାନ ସୁବର୍ଣ୍ଣପୁରକୁ ଆସୁଛି। କେତେକମିଲର୍ସ ବୌଦ୍ଧ, ନୟାଗଡ ଓ ଭଦ୍ରକ ଭଳି ଜିଲାରୁ ଆସୁଥିବା ଧାନକୁ ଅଣ୍ଡରରେଟ୍‌ରେ କିଣୁଛନ୍ତି। ବ୍ୟବସାୟୀମାନେ ମଧ ବାହାର ଜିଲାର ଧାନ କମ୍ ଦରରେ କିଣି ମଣ୍ଡିକୁ ଆଣୁଛନ୍ତି। ଏଭଳି ଅଭିଯୋଗ ଆସିବା ପରେ ଜିଲା ଯୋଗାଣ ବିଭାଗ ତତ୍ପର ହୋଇଉଠିଛି। ବୁଧବାର ବିଳମ୍ବିତ ରାତିରେ ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଲଳିତ ପଟ୍ଟନାୟକ ଓ ସୋନପୁର ଯୋଗାଣ ନିରୀକ୍ଷକ ଦେବାଶିଷ ତ୍ରିପାଠୀ ପଟାଭାଡି ରାସ୍ତାରେ ଚଢାଉ କରି ଗୋଟିଏ ଧାନ ବୋଝେଇ ୪୦୭ ଟ୍ରକ୍‌କୁ ଜବତ କରିଛନ୍ତି। ଟ୍ରକ୍ ନଂ ଓଆର୧୫ଏସ-୮୧୮୨ରେ ୨୦୫ ବସ୍ତା ଧାନ ଥିଲା। ଓଜନ ପରେ ମୋଟ ଧାନର ଓଜନ ୬୧କୁଇଣ୍ଟାଲ ୨୮କିଲୋ ବୋଲି ଜଣାପଡିଛି। ଏହି ଧାନ ବୌଦ୍ଧ ଜିଲା ମନମୁଣ୍ଡା ଅଞ୍ଚଳରୁ ବେଆଇନ ଭାବେ ଚାଲାଣ ହେଉଥିଲା। ଟ୍ରକ୍ ଡ୍ରାଇଭର ବୌଦ୍ଧ ପଥରଲା ଗାଁର ଚମର ଦେହେରୀଙ୍କଠାରୁ ଯୋଗାଣ ବିଭାଗ ଧାନ ଓ ଟ୍ରକ୍ ଜବତ କରିଛି। ଯୋଗାଣ ବିଭାଗ ଧାନ ଓ ଟ୍ରକ୍‌କୁ ଜବତ କରି ପାଣିସିଆଲି ସ୍ଥିତ କ୍ରିଷ୍ଣା ରାଇସ ମିଲରେ ଜିମା ଦେଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଧାରା ୭ ଅନୁଯାୟୀ ଯୋଗାଣ ବିଭାଗ ମାମଲା ରୁଜୁ କରିଛି।

## ବାଦିପଡ଼ା ବ୍ରିଜ୍ କାମ ଅଧାପନ୍ତରିଆ

ସଇଁତଳା, ୬।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବାଦିପଡ଼ା ନିକଟ ଲାନ୍ଥନଦୀ ଉପରେ ବ୍ରିଜ ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ୨୦୧୬ ମସିହାରେ ମୁଖ୍ୟମନ୍ତ୍ରୀ ବ୍ରିଜର ଶୁଭ ଦେଇଥିଲେ । ବିଜୁ ସେତୁ ଯୋଜନାରେ ପ୍ରାୟ ୧୪କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହେଉଥିବା ଏହି ବ୍ରିଜଟି ୨୦୧୮ରେ ସରିବା କଥା। ହେଲେ ଇତିମଧ୍ୟରେ ୩ବର୍ଷ ବିତିବାକୁ ବସିଥିଲେ ବି ନିର୍ମାଣ ସରିନାହିଁ। ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଡୁଙ୍ଗୁରିପାଲି, ଆମ୍ବପାଲି, ସଇଁତଳା, ଘୁନସର, କଅଁସର ଅଞ୍ଚଳବାସୀ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। କିଛି ଦିନ ତଳେ ମନ୍ତ୍ରୀ ସୁଶାନ୍ତ ସିଂ ଓ ଟୁକୁନୀ ସାହୁ ସମ୍ପୃକ୍ତ ବ୍ରିଜ ନିର୍ମାଣ କାମ ପରିଦର୍ଶନରେ ଆସିଥିଲେ। ଏହା ସତ୍ତ୍ୱେ ସମ୍ପୃକ୍ତ ପୋଲ କାମ ଆଗେଇ ନାହିଁ। ଏହାର ପ୍ରତିବାଦ କରିଛି କୋଶଳ ରାଜ୍ୟ ସମନ୍ୱୟ ସମିତି। ଆସନ୍ତା ୧୦ତାରିଖ ସମ୍ପୃକ୍ତ ବ୍ରିଜ ନିକଟରେ ଜଳ ସତ୍ୟାଗ୍ରହ ଆନ୍ଦୋଳନ କରିବାକୁ ସଂଗଠନ ନିଷ୍ପତ୍ତି ନେଇଛି। ଗୁରୁବାର ସଇଁତଳା ସଭାପତି ଶାନ୍ତନୁ ରଣା, ଜିଲା ଯୁବ ସଭାପତି ବନମାଳୀ ନାଏକ, ସମ୍ପାଦକ ରଞ୍ଜନ ବୁଡେକ, ରାଜ୍ୟ ସାଧାରଣ ସମ୍ପାଦକ ସିପୁନ ଖମାରୀ ଏ ନେଇ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ବ୍ରିଜ କାମ ତୁରନ୍ତ ସମାପ୍ତ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସମିତି ଚେତାବନୀ ଦେଇଛି।

## ଜିଲାସ୍ତରୀୟ ସ୍ପୋର୍ଟସ ମିଟ୍ ଉଦ୍‌ଯାପିତ

ଲୋଇସିଂହା,୬।୧(ଡି.ଏନ.ଏନ)

ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ଓ ଝାରମୁଣ୍ଡା ଆଥଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଝାରମୁଣ୍ଡା ମିନି ଷ୍ଟାଡିୟମଠାରେ ଚାଲିଥିବା ଜିଲାସ୍ତରୀୟ ସ୍ପୋର୍ଟସ ମିଟ୍ ଉଦ୍‌ଯାପିତ ହୋଇଯାଇଛି। ଫୁଟବଲ ପ୍ରତିଯୋଗିତାରେ ସରଗାଡ ବିଜେତା ଓ ସୁନାମୁଦି ଉପବିଜେତା ହୋଇଥିଲା। ସେହିପରି ଭଲିବଲରେ ଟେଭାଡୁଙ୍ଗରୀ ଚାମ୍ପିୟନ ଓ ଆମ୍ବପାଲି ରନର୍ସ ଅପ ହୋଇଥିଲା। ସେହିପରି ୪ଶହ, ୨ଶହ ଓ ୧ଶହ ମିଟର ଦୌଡକୁଦ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର କୁମାର ବଡେଇ,ଆଇପିଇ ଜ୍ୟୋତିରଞ୍ଜନ ପରିଡା, ଜିଲା ଯୁବ ସଂଯୋଜକ ଏ.ଭି ନରସିଂହା କୁମାର, ଲେଖାପାଳ ବିପିନ ବିହାରୀ ଜେନା ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଜେତା, ଉପବିଜେତା ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଝାରମୁଣ୍ଡା ଆଥଲେଟିକ ଆସୋସିଏଶନ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଆରଟିଆଇରେ ସୂଚନା ପ୍ରଦାନରେ ବିଳମ୍ବ

ଲାଠୋର, ୬।୧(ଡି.ଏନ.ଏ.)

ପଞ୍ଚାୟତ ଅଫିସଠାରୁ ସଂସଦ ଭବନ ପର୍ଯ୍ୟନ୍ତ ଯେକୌଣସି ତଥ୍ୟ ଜଣେ ସାଧାରଣ ନାଗରିକଙ୍କୁ ସୂଚନା ଅଧିକାର ଆଇନ ବଳରେ ପ୍ରଦାନ କରିବାର ପ୍ରାବଧାନ ରହିଛି। ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ସୂଚନା ଅଧିକାର କର୍ମୀ କପିଳ ସୁନା ବ୍ଲକ କାର୍ଯ୍ୟାଳୟକୁ ମାଗିଥିବା ସୂଚନା ତାଙ୍କୁ ଏକ ମାସ ବିତିଥିଲେ ସୁଦ୍ଧା ପ୍ରଦାନ କରାଯାଇନାହିଁ। ଟଙ୍କପାଣି ପଞ୍ଚାୟତର ଚୋରମୁଣ୍ଡା ଗ୍ରାମରେ ୨୦୧୯ରୁ ୨୧ ମସିହା ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପରେ କେତେ ଟଙ୍କା ଖର୍ଚ୍ଚ କରାଯାଇଛି, କେଉଁମାନେ କାମ କରିଛନ୍ତି ସେସବୁର ତଥ୍ୟ ପ୍ରଦାନ କରିବାକୁ ବିଡିଓଙ୍କୁ ଗତ ୧୦ନଭେମ୍ବର ୨୦୨୧ରେ ସୂଚନା ମାଗିଥିଲେ। ୩୦ଦିନ ମଧ୍ୟରେ ସୂଚନା ପ୍ରଦାନ କରିବାର ନିୟମ ଥିବାବେଳେ କେଉଁ କାରଣରୁ ତାଙ୍କୁ ସୂଚନା ପ୍ରଦାନ କରାଯାଉନାହିଁ ତାହା ବୁଝାପଡୁ ନାହିଁ ବୋଲି ଆବେଦନକାରୀ ପ୍ରକାଶ କରିଛନ୍ତି।

## ଟ୍ରକ ଟର୍ମିନାଲର ଭିତ୍ତିପ୍ରସ୍ତର ସ୍ଥାପନ

ବଲାଙ୍ଗୀର ଅଫିସ,୬।୧

ବଲାଙ୍ଗୀର ଟ୍ରକ ଟର୍ମିନାଲର ଭିତ୍ତିପ୍ରସ୍ତର ଗୁରୁବାର ବିଧାୟକ ନରସିଂହ ମିଶ୍ର ସ୍ଥାପନ କରିଛନ୍ତି। ୯କୋଟି ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ଟ୍ରାଫିକ ପରିଚାଳନା ଏବଂ ମାଲ ପରିବହନ କ୍ଷେତ୍ରରେ ଉପାଦେୟ ହେବ ବୋଲି ବିଧାୟକ ମିଶ୍ର କହିଥିଲେ। ଟିଟିଲାଗଡ ରୋଡ ସ୍ଥିତ ବିଜାଖମନ ରାସ୍ତାକଡରେ ନିର୍ମାଣ ହେବାକୁ ଥିବା ଏହି ଟ୍ରକ ଟର୍ମିନାଲ ନିର୍ମାଣ ପରେ ଟ୍ରାଫିକ ସମସ୍ୟାର ସମାଧାନ ହେବ। ସେଠାରେ ଟ୍ରକ ଡ୍ରାଇଭର ଓ ମାଲିକଙ୍କ ପାଇଁ ବିଭିନ୍ନ ସୁବିଧା କରାଯାଇଛି । ଦୋକାନ, କାର୍ଯ୍ୟାଳୟ, ଡ୍ରାଇଭର ତଥା କର୍ମଚାରୀଙ୍କ ପାଇଁ ଡର୍ମିଟୋରି, ହୋଟେଲ, ଟ୍ରକ ମରାମତି ୟୁନିଟ, ଉଭୟ ମହିଳା ଓ ପୁରୁଷ ଶୌଚାଳୟ ରହିବ। ପରିସରରେ ଡିଜେଲ ପମ୍ପ କରାଯିବା ନେଇ ନିଷ୍ପତ୍ତି କରାଯାଇଛି ବୋଲି ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ଜୟନ୍ତ ନାୟକ ସୂଚନା ଦେଇଥିଲେ। ଏଠାରେ ୭୭ଟି ଟ୍ରକ ରହିପାରିବ। ନିର୍ମାଣ ଦାୟିତ୍ୱରେ ଥିବା ଏଜେନ୍ସି ଏଭିଆର ଇନ୍‌ଫ୍ରାଟେକ ଗତ ଡିସେମ୍ବର ୨୩ରେ ଚୁକ୍ତିପତ୍ର ସ୍ୱାକ୍ଷରିତ କରିଛି। ଏକବର୍ଷ ଭିତରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ବୋଲି ନିର୍ବାହୀ ଯନ୍ତ୍ରୀ କହିଥିଲେ। ନିର୍ମାଣ ସଂସ୍ଥାର ବିଶାଲ ଅଗ୍ରୱାଲ, ନିରଜ ଅଗ୍ରୱାଲ, ଟ୍ରକମାଲିକ ସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ମିଶ୍ର, ଜୁଲୁ ପଟ୍ଟନାୟକ, ସୁଧାଂଶୁ ପଣ୍ଡା, ଟୁନା ସାହୁ, ଶୁଭ୍ରାଂଶୁ ପଣ୍ଡା, ଜୟନାରାୟଣ ବହିଦାର, କୁଳଦିପ ସିଂଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।



ବିଧାୟକ ନରସିଂହ ମିଶ୍ର ଟ୍ରକ୍ ଟର୍ମିନାଲର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ପଠନ ବିରତ ନହେବା ଲେଖକର ପ୍ରାପ୍ୟ



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ।

ବଲାଙ୍ଗୀର ଅଫିସ, ୬।୧

### ୮୭ତମ ଜନ୍ମଦିନରେ ଶ୍ରୀନିବାସ ଉଦ୍‌ଗାତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଓଡିଆ, କୋଶଲୀ ଓ ହିନ୍ଦୀ ସାହିତ୍ୟର ଯଶସ୍ୱୀ କବି, କଥାକାର ଏବଂ ସାରସ୍ୱତ ସ୍ରଷ୍ଟା ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତାଙ୍କ ୮୭ତମ ଜନ୍ମଦିନ ଅବସରରେ ଗୁରୁବାର କବିକୁଟୀର ସମ୍ମୁଖରେ ଜୟନ୍ତୀ ସଭା କରାଯାଇଥିଲା। ସ୍ମୃତିବିନ୍ଦୁ ଫାଉଣ୍ଡେସନ୍ ପକ୍ଷରୁ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିନନ୍ଦନ ଶ୍ରୀନିବାସ କାର୍ଯ୍ୟକ୍ରମରେ ଉଦ୍‌ଗାତାଙ୍କୁ ବହୁ ବିଶିଷ୍ଟ ବ୍ୟକ୍ତି ଜନ୍ମଦିନର ଅଭିନନ୍ଦନ ଜଣାଯାଇଥିଲେ। କାର୍ଯ୍ୟକ୍ରମରେ ସୌଦାମିନୀ ଉଦ୍‌ଗାତା, ନଳିନୀପ୍ରଭା ଷଡଙ୍ଗୀ ମଞ୍ଚାସୀନ ଥିଲେ। ପ୍ରଫେସର ରବିଶଙ୍କର ପାଣ୍ଡିଆ, ବିଜୟ କୁମାର ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ଜୟଦେବ ପାଣିଗ୍ରାହୀ, ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ସ୍ୱତନ୍ତ୍ର ଅଧିକାରୀ ବିଜୟ ଶତପଥୀ, କବି ସନ୍ଦୀପ କୁମାର କୁଅଁର, ହୃଷିକେଶ ପୁରୋହିତ, ଶିବ ଖୁଆସ, ସୁଦୀପ କୁମାର ଗୁରୁ, ପ୍ରେସ୍‌କ୍ଳବ୍ ସଭାପତି ଅରୁଣ ମିଶ୍ର, ସତ୍ୟସୁନ୍ଦର ଭଞ୍ଜ ଉଦ୍‌ଗାତାଙ୍କ ସାରସ୍ୱତ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଉଦ୍‌ଗାତା କହିଥିଲେ, ଲେଖକର ଅସଲ ପ୍ରାପ୍ୟ ହେଉଛି ପାଠକ। ପଠନ ବିରତ ନହେବା ହିଁ ଲେଖକଙ୍କୁ ଉଚିତ୍ ସମ୍ମାନ। ପାଠକ ଲେଖକର ସର୍ଜନା ପାଠ କରି ଆନନ୍ଦ ପାଇଲେ ଲେଖକକୁ ସବୁ ମିଳିଯାଏ ବୋଲି ସେ କହିଥିଲେ। ବୀରେନ୍ଦ୍ର କୁମାର ଝାଙ୍କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭାପତୀୟ ଅଭିଭାଷଣରେ ନାଟ୍ୟଭୂଷଣ ଛୁରିଆ କବି ଉଦ୍‌ଗାତା ୩୧୬ ଖଣ୍ଡ ବହିର ସ୍ରଷ୍ଟା ବୋଲି ସୂଚନ ଦେଇଥିଲେ।

## ଫୁଟବଲ: ଜିଏମ୍‌ସି ବୌଦ୍ଧ ସେମିଫାଇନାଲକୁ ଉନ୍ନୀତ

ସୋନପୁର, ୬।୧(ନି.ପ୍ର.)

ସୋନପୁର ରୟାଲ ସ୍ପୋର୍ଟିଂ କ୍ଳବ ପକ୍ଷରୁ ୯ମ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ୍‌ରେ ଜିଏମସି ବୌଦ୍ଧ ବିଜୟୀ ହୋଇଛି। ବ୍ଲକ ଛକସ୍ଥିତ ରୟାଲ ପଡିଆରେ ବଲାଙ୍ଗୀର ୟୁନାଇଟେଡ ଓ ଜିଏମ୍‌ସି ବୌଦ୍ଧ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଜିଏମ୍‌ସି ବୌଦ୍ଧ ଦଳ ୫-୦ ଗୋଲରେ ବିଜୟୀ ହୋଇ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ବେଷ୍ଟ ଡିଫେନ୍ସଭାବେ ପପୁ ବେହେରା, ବେଷ୍ଟ ମିଡ୍ ଫିଲ୍ଡ ଜିତେନ୍ଦ୍ର ବେହେରା, ବେଷ୍ଟ ୱିଙ୍ଗର ଅନୁରାଗ ସାହୁ, ବେଷ୍ଟ ଗୋଲ କିପର ସୁବ୍ରତ ମହାରଣା ଓ ହିରୋ ଅଫ ଦି ମ୍ୟାଚ୍ ଭାବେ ସମୀର ପଧାନଙ୍କୁ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ ସୁଦାମ ଜଗଦଲା, ନନ୍ଦୁ ନାଏକ, ପ୍ରଶାନ୍ତ ସେଠୀ ଓ ଚୁଡାମଣି ମେହେର ପରିଚାଳନା କରିଥିଲେ। ଜନ୍ମେଜୟ ନାଗ ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସୁବର୍ଣ୍ଣପୁର ଜିଲା ବ୍ୟବସାୟୀ ସଂଘର ସଭାପତି ରାମକୃଷ୍ଣ ମେହେର ମ୍ୟାଚ୍‌ର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ସତ୍ୟନାରାୟଣ ରାଓ, ଗୁଣନିଧି ମେହେର, ଗଣେଷ ମହାଲିକ, ଆଶିଷ ରଞ୍ଜନ ବାବୁ ଓ ସଞ୍ଜିବ କୁମାର ମିଶ୍ର ଯୋଗ ଦେଇଥିଲେ। ଉତ୍ସବକୁ ରୟାଲ ସ୍ପୋର୍ଟିଂ କ୍ଲବର ସମ୍ପାଦକ ରାକେଶ ନାଗ ପରିଚାଳନା କରିଥିଲେ। ଶୁକ୍ରବାର ବେଲପାହାଡ ଏଫସି ଓ ବରଗଡ ୟୁନାଇଟେଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଲୋଇସିଂହା,୬।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲିଆମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ହୃଷିକେଶ ଦୀପଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍କୁଲରେ ଆୟୋଜିତ କ୍ଲଷ୍ଟରସ୍ତରୀୟ ବିଦାୟ ସମ୍ବର୍ଦ୍ଧନା ସଭାରେ ସିଆରସିସି ଗୋବିନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ଏବିଓ ରଶ୍ମିମତି ତ୍ରିପାଠୀ, ମିଳିତ ଶିକ୍ଷକ ମଞ୍ଚ ସଭାପତି ପର୍ଶୁ ସୁନା, ସୋମନାଥ ବିଶ୍ୱାଳ ଯୋଗ ଦେଇଥିଲେ। ଭିନ୍ନକ୍ଷମ ହୋଇଥିଲେ ମଧ ଦୀର୍ଘ ୩୪ବର୍ଷ ଧରି ନିଷ୍ଠାପର ଭାବେ ଶିକ୍ଷକତା କରି ଦୀପ ଛାତ୍ରୀଛାତ୍ରଙ୍କ ପ୍ରିୟଭାଜନ ହୋଇଥିବା ଏବିଓ ତ୍ରିପାଠୀ କହିଥିଲେ। ପରେ ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସ୍କୁଲରୁ ନିଜ ଗାଁ ଯୋଗୀସର୍ଡାକୁ ଏକ ଶୋଭାଯାତ୍ରାରେ ସାଥୀ ଶିକ୍ଷକମାନେ ଛାଡିବାକୁଯାଇଥିଲେ।



ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷୀକେଶ ଦୀପ ବକ୍ତବ୍ୟ ରଖୁଛନ୍ତି।

## ଯୁବ ସମାଜ ଦ୍ୱାରା ସଶକ୍ତ ରାଷ୍ଟ୍ର ଗଠନ ସମ୍ଭବ

ସୋନପୁର,୬।୧(ନି.ପ୍ର.)

### ସୁବର୍ଣ୍ଣପୁରରେ ଜିଲା ଯୁବ ସମ୍ମିଳନୀ

ଭାରତ ଯୁବକମାନଙ୍କ ଦେଶ । ଏହା ଦେଶ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିଛି। ଯୁବ ସମାଜକୁ ସଠିକ୍ ମାର୍ଗଦର୍ଶନ ମିଳିଲେ ଦେଶର ପରିବର୍ତ୍ତନ ଅବଶ୍ୟମ୍ଭାବୀ। ଯୁବ ସମାଜ ଦ୍ୱାରା ହିଁ ସଶକ୍ତ ରାଷ୍ଟ୍ର ଗଠନ ସମ୍ଭବ ବୋଲି ଗୁରୁବାର ଅନୁଷ୍ଠିତ ଯୁବ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମତପ୍ରକାଶ କରିଛନ୍ତି। ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଡିଆରଡିଏ ସଭାଗୃହରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ନକୁଳ ନାଏକ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥିଭାବେ ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ଏ.ଭି.ନରସିଂହା କୁମାର ଟି, ଯୁବ ସମାଜସେବୀ ଶରତ କୁମାର ଶତପଥୀ, ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ବଳଭଦ୍ର ନାୟକ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ସ୍ୱାଧୀନ ମେହେର, ଜିଲା ପରିମଳ ପରାମର୍ଶଦାତା ବଂଶୀଧର ନାଏକ, ପ୍ରଥମ ଏଜୁକେଶନ ଫାଉଣ୍ଡେସନର ନକୁଳ ନାଏକ, ବିପିନ ବିହାରୀ ଜେନା ଓ କୃପାସିନ୍ଧୁ ସା ଯୋଗଦେଇଥିଲେ। ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ଯୁବ ପିଢୀଙ୍କ ମନରେ ଜାତୀୟତା ମନୋଭାବ ଜାଗ୍ରତ କରିବା ଓ ଏକ ସଶକ୍ତ ରାଷ୍ଟ୍ର ଗଠନ ସମ୍ପର୍କରେ ଅତିଥିମାନେ ମତ ରଖିଥିଲେ । ଏହି ଅବସରରେ ଜିଲାର ବିଭିନ୍ନ ସ୍ଥାନରୁ ଯୁବତୀ ଯୁବକ ଓ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଅତୀତକୁ ସ୍ମରଣ କରି ସେମାନେ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ତମ ଚରଣ ଦେହୁରୀ ଧନ୍ୟବାଦ ପ୍ରଦାନ କରିଥିଲେ।



ଯୁବ ସମ୍ମିଳନୀରେ ଅତିଥି ଓ ଯୁବ ସ୍ୱେଚ୍ଛାସେବୀ ଶପଥ ଗ୍ରହଣ କରୁଛନ୍ତି।

**ନେପାଳ ଫେରନ୍ତା କରୋନା ପଜିଟିଭ୍**

ଲାଞ୍ଜିଗଡ଼,(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ପରୀକ୍ଷା ସମୟରେ ସ୍ଥାନୀୟ ଅଞ୍ଚଳର ଜଣେ ନେପାଳ ଫେରନ୍ତା କରୋନା ଚିହ୍ନଟ ହୋଇଛନ୍ତି। ଏ ନେଇ ସୂଚନା ଦେବା ସହ ବର୍ତ୍ତମାନ ସମ୍ପୃକ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଓ ତାଙ୍କର କଣ୍ଟାକ୍ଟ୍ ଟ୍ରେସିଂ ଜାରି ରହିଛି ବୋଲି ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ଭବାନୀଶଙ୍କର ଲେଙ୍କା ସୂଚନା ଦେଇଛନ୍ତି। ଏହାସହିତ ଲୋକେ ସତର୍କ ଓ ସଚେତନ ହେବା ଅତ୍ୟନ୍ତ ଜରୁରି ବୋଲି ସେ କହିଛନ୍ତି।

# ବୌଦ୍ଧରେ କଡ଼ାକଡ଼ି ହେବ ମାସ୍କ ଯାଞ୍ଚ

**ବୌଦ୍ଧ,୬।୧(ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ ତୃତୀୟ ଲହର ଓମିକ୍ରନର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓମିକ୍ରନର ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ନେଇ ସମୀକ୍ଷା କରାଯାଇଥିଲା। ଜିଲାରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜେନେରେଟର, ବିଦ୍ୟୁତ, ପଙ୍ଖା, ସିସି ଟିଭି, ଶୌଚାଳୟ, ପାନୀୟ ଜଳ, ସାନିଟାଇଜର ଓ ମାସ୍କ ଆଦି ପର୍ଯ୍ୟାପ୍ତ ପରିମାଣରେ ପ୍ରସ୍ତୁତ ରଖିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଯେଉଁମାନେ ବାହାରୁ ଆସୁଛନ୍ତି ସେମାନଙ୍କୁ ୭ ଦିନ ସଙ୍ଗରୋଧରେ ରହିବାକୁ ନିର୍ଦ୍ଦେଶ ଦିଆଯିବା ସହିତ ଗ୍ରାମ କଲ୍ୟାଣ ସମିତିଗୁଡ଼ିକ ଏଥିପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରତ୍ୟେକ ଗ୍ରାମର ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଗ୍ରାମକୁ ଫେରୁଥିବା ଲୋକଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରିବା ସହିତ ସେମାନଙ୍କୁ ସଙ୍ଗରୋଧରେ ରହିବାକୁ କହିବେ। ସଚେତନତାକୁ ବ୍ୟାପକ କରାଯିବା ସହିତ ବିଭିନ୍ନ ସ୍ଥାନରେ ହୋଡିଂ ଲଗାଇବା, ମୋବାଇଲ କ୍ୟାମ୍ପ, ଆରଟିପିସିଆର ପରୀକ୍ଷା, ଆଣ୍ଟିଜେନ ପରୀକ୍ଷା ଆଦି ଅଧିକରୁ ଅଧିକ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଧର୍ମାନୁଷ୍ଠାନଗୁଡ଼ିକରେ ଜନଗହଳି ନ କରି ଲୋକମାନେ ଘରେ ପୂଜାପାଠ କରିବାକୁ ପରାମର୍ଶ ଦିଆଯାଇଥିଲା। ହୋଟେଲକୁ ଆସୁଥିବା ଲୋକଙ୍କ ଆଣ୍ଟିଜେନ୍ ପରୀକ୍ଷା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଯିବା ସହିତ ବଣଭୋଜି ପାଇଁ କଟକଣା ଜାରି କରାଯାଇଛି। ଯାତ୍ରୀବାହୀ ବସଗୁଡ଼ିକରେ କୋଭିଡ ନିୟମ ପାଳନ କଡାକଡି କରାଯିବା ସହିତ ମାଜିଷ୍ଟ୍ରେଟମାନେ ଯାତ୍ରୀବାହୀ ଗାଡ଼ିଗୁଡ଼ିକୁ ଅଟକାଇ ଯାଞ୍ଚ କରିବା ଓ ନିୟମ ପାଳନ ନ କଲେ ଜରିମାନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଥାନା ଅଞ୍ଚଳରେ ମାସ୍କ ଯାଞ୍ଚକୁ କଡାକଡି କରାଯିବା ସହିତ ଜନସାଧାରଣ ମାସ୍କ ନ ଲଗାଇଲେ ପ୍ରଥମଥର ୨ ହଜାର ଟଙ୍କା ଓ ଦ୍ୱିତୀୟ ଥର ଧରାପଡିଲେ ୫ ହଜାର ଟଙ୍କା ଜରିମାନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବିଡିଓ ନିଜ ବ୍ଲକରେ ଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ପ୍ରସ୍ତୁତ ରଖିବା ସହିତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ, ଅଗ୍ନିଶମ ବିଭାଗ ଏବଂ ପୋଲିସ ବିଭାଗକୁ ନେଇ ଟିମ୍ କରିବା ସହିତ ଏହି ଟିମ୍ ବୁଲି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ପ୍ରସ୍ତୁତି ଦେଖିବା ପରେ ଜଣାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବୌଦ୍ଧ ଏନଏସି ପକ୍ଷରୁ ଏହି ସମୟରେ ସହରର ପରିମଳ ବ୍ୟବସ୍ଥା ଠିକ୍ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତୃତୀୟ ଲହର ସଂପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଗଣମାଧ୍ୟମ ସକ୍ରିୟ ଭାବରେ କାର୍ଯ୍ୟ କରିବାକୁ ବୈଠକରେ ଅନୁରୋଧ କରାଯାଇଥିଲା। ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଏ ସଂପର୍କିତ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତି, ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱନୀ କୁମାର ମେହେରା, ଉପଜିଲାପାଳ ସନତ କୁମାର ନାଏକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭୟ କୁମାର ଦାଶ, ତହସିଲଦାର ଅବିନାଶ ପାଣ୍ଡିଆ, ଏନଏସି ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡା ଓ ସମସ୍ତ ବ୍ଲକର ବିଡିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

**ଓମିକ୍ରନ୍ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ**

- ମାସ୍କ ନ ଲଗାଇ ପ୍ରଥମ ଥର ଧରାପଡ଼ିଲେ ୨ ହଜାର ଓ ଦ୍ୱିତୀୟ ଥର ପାଞ୍ଚ ହଜାର ଜରିମାନା

## ସଂକ୍ଷେପରେ

### ଓମିକ୍ରନ ପାଇଁ ନିଯୁକ୍ତି ମେଳା ସ୍ଥଗିତ

**ବୌଦ୍ଧ,୬।୧(ସ୍ୱ.ପ୍ର.):** ଓମିକ୍ରନ ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲାପାଳ ଲଲାଟେନ୍ଦୁ ମିଶ୍ର ବୌଦ୍ଧ ଜିଲାରେ ଆସନ୍ତା ୧୧ ଓ ୧୨ ତାରିଖରେ ହେବାକୁ ଥିବା ନିଯୁକ୍ତି ମେଳାକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୧ ତାରିଖରେ ବୌଦ୍ଧ ଟାଉନହଲ ଠାରେ ଏବଂ ୧୨ ତାରିଖରେ ପଞ୍ଚାୟତ କଲେଜ କଣ୍ଟାମାଳଠାରେ ଏହି ନିଯୁକ୍ତି ମେଳା ଆୟୋଜନ କରାଯିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲା। କିନ୍ତୁ ରାଜ୍ୟରେ ଓମିକ୍ରନ ସଂକ୍ରମଣ ବୃଦ୍ଧି ପାଉଥିବାରୁ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା କଟକଣାକୁ ଦୃଷ୍ଟିରେ ରଖି ଏହାକୁ ସ୍ଥଗିତ ରଖିବାକୁ ସମସ୍ତ ବିଡିଓ ଏବଂ ଡିପିଏମ ଜୀବିକା ମିଶନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲା ନିୟୋଜନ ଅଧିକାରୀ ସୁଶାନ୍ତ କୁମାର ନାଏକ ସୂଚନା ଦେଇଛନ୍ତି।

### ଟ୍ରାଫିକ୍ ସମସ୍ୟା, ଅପରାଧ ରୋକିବା ପ୍ରତି ଗୁରୁତ୍ୱ

**କେସିଙ୍ଗା,୬।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ଥାନାରେ ନୂତନ ଭାବେ ୨୦୦୯ ମସିହା ବ୍ୟାଚ୍ ଆଇପିଏସ୍ ଅଫିସର ଅଭିନଭ ଶୋନକର ଯୋଗ ଦେଇଛନ୍ତି। କେସିଙ୍ଗା, ନର୍ଲା, ଲାଞ୍ଜିଗଡ, ଏମ୍. ରାମପୁର, ଉତ୍କେଲା, କର୍ଲାମୁଣ୍ଡା, ପଲମ ଆଦି ଅଞ୍ଚଳରେ ଟ୍ରାଫିକ ସମସ୍ୟା ସୁଧାରିବା ସହିତ ବିଭିନ୍ନ ଅପରାଧ ରୋକିବା ପ୍ରତି ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଥିଲେ। କୋଭିଡ୍‌ରୁ ରକ୍ଷା ପାଇଁ ମାସ୍କ ବ୍ୟବହାର କରିବା ସହ ସାମାଜିକ ଦୂରତା ରକ୍ଷା କରିବାକୁ ସଚେତନ କରିଥିଲେ। ଜଗନ୍ନାଥ ଓ ମା' ମାଣିକେଶ୍ୱରୀଙ୍କଠାରେ ସମସ୍ତଙ୍କ କଲ୍ୟାଣ ପାଇଁ ସେ ପ୍ରାଥନା କରିଥିଲେ।



### ଓଡ଼ିଶା ମୋଟର ଚାଳକ ସଂଘ ବାର୍ଷିକ ବୈଠକ

**ପାଇକମାଳ, ୬।୧(ଡି.ଏନ.ଏ):** ବରଗଡ ଜିଲା ପାଇକମାଳ ବ୍ଲକ ମନଭଙ୍ଗଠାରେ ଓଡିଶା ମୋଟର ଚାଳକ ସଂଘର ଜିଲା ସଭାପତି ନିରୋଜ ପୋଢ଼ ଯାଦବଙ୍କ ସଭାପତିତ୍ୱରେ ଗୁରୁବାର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି । ରାଜା ଭାରତୀ ସଭା ପରିଚାଳନା କରିଥିଲେ। ଏଥିରେ ବରଗଡ଼ ଜିଲା ୧୨ଟି ବ୍ଲକର ଓଡ଼ିଶା ମୋଟର ଚାଳକ ସଂଘ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ରାଜ୍ୟ ଚାଳକ ସଂଘର ସହ ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ ମୁଖ୍ୟଅତିଥି, ଜିଲା ଉପସଭାପତି ରବି ସାହୁ, ସହ ସମ୍ପାଦକ ଛତ୍ରପତି ସାହୁ, କୋଷାଧ୍ୟକ୍ଷ ଲିଙ୍ଗରାଜ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ମୋଟର ଚାଳକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଉଗ୍ରସେନ ସାହୁ, ସୁବାସ ସାହୁ, ରାମକୃଷ୍ଣ ସାହୁ, ମନୋରଞ୍ଜନ ନାୟକ, ତେଜରାଜ ବରିହା, ଶ୍ରୀପତି ମାଝି ସହଯୋଗ କରିଥିଲେ। ଜିତେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଇନ୍‌ଡୋର ଷ୍ଟାଡ଼ିୟମ୍ ଭିତ୍ତିପ୍ରସ୍ତର ସ୍ଥାପନ

**ପଦ୍ମପୁର, ୬।୧(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁରରେ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମର ଭିତ୍ତିପ୍ରସ୍ତର ବିଧାୟକ ପ୍ରତିନିଧି ଭୋଜରାଜ ସିଂ ବରିହାଙ୍କ ଦ୍ୱାରା ଗୁରବାର ସ୍ଥାପନ କରାଯାଇଛି। ଜିଲା କ୍ରୀଡା ଅଧିକାରୀ ତୃଷାତକାନ୍ତି ମିଶ୍ର, ଏନଏସିର ପୂର୍ବତନ ଅଧକ୍ଷ ପ୍ରିତମ ମେହେର, ରାଜବୋରାସମ୍ବର ବ୍ଲକ ବିଜେଡି ସଭାପତି ପରମାନନ୍ଦ ସାହା, ଏନଏସିର ଯୁବ ବିଜେଡି ସଭାପତି ସୌମ୍ୟ ହୋତା, ବିଜେଡି ଟାଉନ ମହିଳା ସଭାନେତ୍ରୀ ମନୋରମା ମହାପାତ୍ର, ଭାରତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### କୋଭିଡ୍ ସମନ୍ୱୟ ବୈଠକ

**ପଦ୍ମପୁର, ୬।୧(ଡି.ଏନ.ଏ):** କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ସରକାରଙ୍କ କୋଭିଡ-୧୯ ମାର୍ଗଦର୍ଶିକାକୁ ପାଳନ କରିବା ପାଇଁ ବରଗଡ଼ ଜିଲା ପଦ୍ମପୁର ଉପଜିଲାପାଳ ତ୍ରିଲୋଚନ ପାତ୍ରଙ୍କ ଅଧକ୍ଷତାରେ ଏକ ସମନ୍ୱୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ସମ୍ଭାବ୍ୟ କରୋନାର ତୃତୀୟ ଲହରକୁ ଦୃଷ୍ଟିରେ ରଖି ଜନସଚେତନତା ସହିତ ଟିକାକରଣ, ମାସ୍କ ବ୍ୟବହାରକୁ ବାଧତାମୂଳକ କରିବା, ସାମାଜିକ ଦୂରତା ଏବଂ ଜନଗହଳିକୁ ବାରଣ କରିବା ଉପରେ ଆଲୋଚନା ହୋଇଥିଲା। ତହସିଲଦାର ସଞ୍ଜନ ସେଠ, ଆଇଆଇସି ରାଜେନ୍ଦ୍ର ସିଆଲ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜୟନ୍ତ ସାହୁ, ଓକିଲ ସଂଘ ସଭାପତି ଗୌନ୍ତିଆ ସାହୁ, ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ସମ୍ପାଦକ ନନ୍ଦକିଶୋର ଅଗ୍ରୱାଲ, ନାଗରିକ କମିଟି ସମ୍ପାଦକ ଅଜିତ ସତପଥି, ଉପସଭାପତି ନିରୋଜ ଦୋରା, ଚିନ୍ମୟ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ।

# ଦୁର୍ଗମ ଅଞ୍ଚଳରେ ପହଞ୍ଚିଲା ବ୍ଲକ ପ୍ରଶାସନ



ବିଡିଓ ଛୋଟ ଝିଅମାନଙ୍କୁ ପାଠପଢା ବିଷୟରେ ପଚାରୁଛନ୍ତି।

**ଜୁନାଗଡ,୬।୧(ଡି.ଏନ.ଏ.)**

**ଲୋକଙ୍କ ସମସ୍ୟା ବୁଝିଲେ, ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁର୍ଗମ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କୁହାଯାଉଥିବା ଦେଦର ପଞ୍ଚାୟତ ସୁପେଲ ଓ କୁସୁମବରା ଗ୍ରାମକୁ ଗୁରୁବାର ପହଞ୍ଚିଛି ଜୁନାଗଡ ବ୍ଲକ ପ୍ରଶାସନ। ସେଠାରେ ବ୍ଲକ ପ୍ରଶାସନ ସ୍ଥାନୀୟ ଲୋକଙ୍କ ସମସ୍ୟା ବୁଝିବା ସହ ସରକାରୀସ୍ତରରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ। ସେହିପରି ଉପସ୍ଥିତଥିବା ଛୋଟ ଝିଅପିଲାମାନଙ୍କୁ ତାଙ୍କ ପାଠପଢା ବିଷୟରେ ମଧ ପଚାରି ବୁଝିଥିଲେ। ପରେ ସେଠାକାର ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ବ୍ଲକ ପ୍ରଶାସନ ପକ୍ଷରୁ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ବିଏସଏସଓ ତୁଷାର ରଞ୍ଜନ ସାହୁ, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ପ୍ରଶାସନ ପକ୍ଷରୁ ମରୁଡ଼ି ସ୍ଥିତି ଅନୁଧାନ

**ନୂଆପଡ଼ା ଅଫିସ,୬।୧**

ଚଳିତବର୍ଷ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଥିବାରୁ ନୂଆପଡା ଜିଲା କୋମନା ବ୍ଲକ ତରବୋଡ ଅଞ୍ଚଳରେ ମରୁଡି ଦେଖାଦେଇଥିବାରୁ ଅଞ୍ଚଳବାସୀ ଜିଲା ପ୍ରଶାସନଠାରେ ଧାନ ମଣ୍ଡି ବନ୍ଦ କରିବା ସହିତ ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା ପାଇଁ ବାରମ୍ବାର ଦାବି କରି ଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବୁଧବାର ତରବୋଡ ଅଞ୍ଚଳ ଯାଇ ମରୁଡିସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ନୂଆପଡା ଉପଜିଲାପାଳ ତରଣୀସେନ ନାଏକଙ୍କ ସମେତ ତରବୋଡ ରାଜସ୍ୱ ନିରୀକ୍ଷକ ନଳିନୀକାନ୍ତ ମିଶ୍ର, ପ୍ୟାକ୍ସ ସମ୍ପାଦକ ହେମନ୍ତ ସାହୁ ମଧ୍ୟ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଏହାର ରିପୋର୍ଟ ରାଜ୍ୟ ସରକାରଙ୍କୁ ଶୀଘ୍ର ପ୍ରଦାନ କରାଯିବ ବୋଲି ଉପଜିଲାପାଳ ନାଏକ ପ୍ରକାଶ କରିଛନ୍ତି। ଏହି ସମୟରେ ତରବୋଡ ପୂର୍ବତନ ସରପଞ୍ଚ ଯୋଗେନ୍ଦ୍ର ନାୟକ, ମହେନ୍ଦ୍ର ଶବର, ଅର୍ଜୁନ ଜଗତ, ହେମନ୍ତ ପୋଡ, ଚନ୍ଦ୍ର ଅହୀର, ପୀୟୁଷ ଦୁବେ, ମନୀଷ ଦୁବେ, ପର୍ଶୁମହରା, ମେହେତରାମ ମହରା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ସୂଚନା ଯେ, କୋମନା ବ୍ଲକ ଅଧୀନ ତରବୋଡ, ଜଟଗଡ, ମାନିଗୁଡା, ସିଲଭା, କୁରୁମପୁରି, ଲଖନା, ସମରସିଂ, ଠିକପାଲି, ଗଣ୍ଡାମେର, କାଣ୍ଡେତରା, ଦର୍ଲିପଡା, ସିଆଲଲଟି, ପଲସିପାଣି ଆଦି ପଞ୍ଚାୟତରେ ସ୍ୱାଭାବିକଠାରୁ କମ ବର୍ଷା ଯୋଗୁ ଜମିରେ କୌଣସି ଫସଲ ଅମଳ ହୋଇନାହିଁ। ପ୍ରଶାସନଠାରେ ଅଞ୍ଚଳକୁ ମରୁଡି ଘୋଷଣା କରିବା ସହିତ ଚାଷୀଙ୍କୁ କାମ ଯୋଗାଇବା ପାଇଁ ଦାବି କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଶେଷରେ କାମଧନ୍ଦା ଅଭାବରୁ ଅଞ୍ଚଳର ଅଧିକାଂଶ ଚାଷୀ ରାଜ୍ୟ ବହାରକୁ ଦାଦନ ଖଟିବାକୁ ଚାଲି ଗଲେଣି।


ପ୍ରଶାସନ ପକ୍ଷରୁ ମରୁଡ଼ିସ୍ଥିତି ଅନୁଧ୍ୟାନ କରାଯାଉଛି।

# ଖବରକାଗଜ ବିତରକଙ୍କୁ କାର୍ଡ ଦେଲେ ମନ୍ତ୍ରୀ

**ବରଗଡ଼ ଅଫିସ୍,୬।୧**

ବରଗଡ଼ ଜିଲାରେ କାର୍ଯ୍ୟରତ ହକର (ଖବରକାଗଜ ବିତରକ)ଙ୍କୁ ବୁଧବାର ସନ୍ଧ୍ୟାରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ସୋହେଲା ସ୍ଥିତ ନିଜ କାର୍ଯ୍ୟାଳୟରେ ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ବୋର୍ଡର ଉଦ୍ଦିଷ୍ଟ କାର୍ଡ଼ ବଣ୍ଟନ କରିଛନ୍ତି। ଉକ୍ତ କାର୍ଡ଼ ପାଇବା ପାଇଁ ବରଗଡ଼ ଜିଲା ଖବରକାଗଜ ବିତରକ ସଂଘ ନେତୃତ୍ୱରେ ସହରର ହକରମାନେ ମନ୍ତ୍ରୀ ସିଂଙ୍କ ସୋହେଲାସ୍ଥିତ କାର୍ଯ୍ୟାଳୟକୁ ଯାଇଥିଲେ। ସେହିପରି ଖବରକାଗଜ ବିତରକ ସଂଘର କର୍ମକର୍ତ୍ତାମାନେ ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପର୍ଯ୍ୟାୟକ୍ରମେ ସବୁ ସମସ୍ୟାର ସମାଧାନ ହେବ ବୋଲି ମନ୍ତ୍ରୀ ସିଂ କହିଥିଲେ। ଖବରକାଗଜ ବିତରକ ସଂଘ ସଭାପତି ଜୟପ୍ରକାଶ କୁମ୍ଭାର, ସମ୍ପାଦକ ଗଙ୍ଗାଧର କନ୍ଧେର, ଶିବାଜୀ ପ୍ରଧାନ, ଦେବ ନାରାୟଣ ଦାଶ, ଯୋଗୀନ୍ଦ୍ର ସାହୁ, ଡିଲେଶ୍ୱର ଦାଶ, ଗୋବିନ୍ଦ ଦୂରଦାସ ପ୍ରମୁଖ ଉପସ୍ଥିତ ଥିଲେ ।


ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ କାର୍ଡ଼ ବଣ୍ଟନ କରୁଛନ୍ତି ।

# ୨ ଦିନରେ ୨ ଓମିକ୍ରନ୍, ୨୬ ପଜିଟିଭ୍ ଚିହ୍ନଟ

**ନୂଆପଡ଼ା ଅଫିସ,୬।୧**

ନୂଆପଡା ଜିଲାରେ ବୁଧବାର ୨ଜଣ ଓମିକ୍ରନ୍ ଓ ୮ଜଣ କରୋନା ଚିହ୍ନଟ ହୋଇଥିବା ବେଳେ ଗୁରୁବାର ୧୮ଜଣଙ୍କୁ ମିଶାଇ ମୋଟ ୨୬ କରୋନା ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ମିଳିଛି। ଖରିଆର ରୋଡ ଆଇଟିଆଇ ଛାତ୍ର ୧୬ ବର୍ଷ ଓ ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ୨୫ ବର୍ଷିୟା ଯୁବତୀ ଓମିକ୍ରନ୍ ସଂକ୍ରମିତ ହୋଇଛନ୍ତି। ବୁଧବାର କରୋନାରେ ଖରିଆର ରୋଡରେ ୫ଜଣ, ଖଡିଆଳରେ ୨ଜଣ ଓ ବୋଡେନ ବ୍ଲକରେ ଜଣେ ମୋଟ ୮ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଗୁରୁବାର ନୂଆପଡାରୁ ୮ଜଣ, ଖଡିଆଳ ୫ଜଣ, କୋମନା ୪ଜଣ ଓ ବୋଡେନ ବ୍ଲକରୁ ଜଣେ କରୋନା ସଂକ୍ରମିତ ହୋଇଥିବା ନୂଆପଡା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂତ୍ରରୁ ପ୍ରକାଶ। ଜିଲାରେ ଦୁଇ ଦିନରେ ୨୬ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଓମିକ୍ରନ୍ ମଧ୍ୟ ପାଦ ଥାପି ସାରିଲାଣି। ହେଲେ ପ୍ରଶାସନ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୋଭାରାଣି ମିଶ୍ରଙ୍କୁ ଫୋନ ଯୋଗେ ପଚାରିବାରୁ ମିଟିଂରେ ବ୍ୟସ୍ତ ଥିବା କହିଥିଲେ।

# ଜାତୀୟ ସେବା ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର ଶୀତକାଳୀନ ଶିବିର

**ବୋଡେନ,୬।୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନ ବ୍ଲକ ସ୍ଥାନୀୟ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜରେ ଜାତୀୟ ସେବା ସଂସ୍ଥା ପକ୍ଷରୁ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ ହୋଇଯାଇଛି। ୟୁନିଟ ୧ର ଶିବିର କର୍ଲାପଡାଠାରେ ହୋଇଥିବାବେଳେ ୟୁନିଟ ୨ର ଶିବିର କୁସୁମଖୁଟାଠାରେ ଆୟୋଜିତ ହୋଯାଇଛି। ଏଥିରେ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ମୁଖ୍ୟଅତିଥିଭାବେ ଯୋଗଦେଇ ୨ଟି ଶିବିର ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ଅବନି କୁମାର ଖମାରୀଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ସଭାରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ କୁମାର ମୁଣ୍ଡ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ୟୁନିଟ ୧ କାର୍ଯ୍ୟକ୍ରମ ଅଧିକାରୀ ଡ. କୋଶୋର କୁମାର କର୍ଣ୍ଣଙ୍କ ପରିଚାଳନାରେ ୨୪ଜଣ ସ୍ୱେଚ୍ଛାସେବୀ ଏବଂ ୟୁନିଟ ୨ କାର୍ଯ୍ୟକ୍ରମ ଅଧିକାରୀ ଖିସବୁ ମେହେରଙ୍କ ପରିଚାଳନାରେ ୨୪ଜଣ ସ୍ୱେଚ୍ଛାସେବୀ ଶିବିରାର୍ଥୀ ଭାବେ ଉପସ୍ଥିତ ଥିଲେ। ୧ ସପ୍ତାହ ଧରି ଚାଲିବାକୁ ଥିବା ଶିବିରରେ ଗାଁର ଲୋକଙ୍କୁ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଆଦି ଭଳି ବିଭିନ୍ନ ଦିଗରେ ସଚେତନତା ବାର୍ତ୍ତା ଦେବା ଶିବିର ଲକ୍ଷ ବୋଲି କାର୍ଯ୍ୟକ୍ରମ ଅଧିକାରୀ କହିଛନ୍ତି ।

# ଦୀର୍ଘ ବର୍ଷର ଦାବି ପୂରଣ ହେବ

**ବେହେରା,୬।୧(ଡି.ଏନ.ଏ.)**

**ବେହେରାରେ ଖୋଲିବ ରାଷ୍ଟ୍ରାୟତ ବ୍ୟାଙ୍କ**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାଠାରେ ଏକ ରାଷ୍ଟ୍ରାୟତ ବ୍ୟାଙ୍କ ଖୋଲିବାକୁ ଯାଉଛି। ଏହି ଅଞ୍ଚଳରେ ପ୍ରଥମେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ରହିଥିଲା। ହେଲେ କୌଣସି କାରଣ ବଶତଃ ୨୦୦୬ ମସିହାରୁ ଧର୍ମଗଡକୁ ସ୍ଥାନାନ୍ତର ହୋଇଗଲା। ସେହି ଦିନଠାରୁ ଏଠାରେ କୌଣସି ରାଷ୍ଟ୍ରାୟତ ବ୍ୟାଙ୍କ ନ ଥିବା ଯୋଗୁ ଛାତ୍ରୀଛାତ୍ରଙ୍କଠାରୁ ପେନସନ୍ ଭୋଗୀ ବୃଦ୍ଧବୃଦ୍ଧା ସମେତ ଗର୍ଭବତୀମାନେ ମଧ୍ୟ ଟଙ୍କା ଉଠାଣରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଟଙ୍କା ଉଠାଣ ପାଇଁ ୨୦ କି.ମି. ଦୂର ଧର୍ମଗଡ ଯିବାକୁ ପଡୁଥିଲା। ଏହାକୁ ନେଇ ଅଞ୍ଚଳବାସୀ ନେତା, ମନ୍ତ୍ରୀ, ଆରବିଆଇ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ହେଁ ବର୍ଷ ପରେ ବର୍ଷ ବିତିଯାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଦୀର୍ଘ ୧୫ ବର୍ଷ ପରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଅନୁରୋଧ କରାଯାଇଥିଲା। ଶେଷରେ ତାଙ୍କ ପ୍ରଚେଷ୍ଟାରେ ବର୍ତ୍ତମାନ ବେହେରାରେ ଏସ୍‌ବିଆଇର ଏକ ଶାଖା ଖୋଲିବା ଗୋଟିଏ ପ୍ରକାର ନିଶ୍ଚିତ ହୋଇଯାଇଛି। ଦଣ୍ଡପାଟ ଅଞ୍ଚଳରେ ରାଷ୍ଟ୍ରାୟତ ବ୍ୟାଙ୍କ ସେବା ଯୋଗାଇବା ପାଇଁ ଧରିତ୍ରୀରେ ଇତିପୂର୍ବରୁ ପ୍ରକାଶ ପାଇଥିଲା। ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଅବଗତ କରାଯାଇଥିଲା। ବର୍ତ୍ତମାନ ଏସବିଆଇ ଶାଖା ଖୋଲିବାକୁ ଯାଉଥିବାରୁ ବ୍ୟାଙ୍କ ପାଇଁ ସଂଘର୍ଷ କରିଥିବା ରଜତ ବଂଶଳ, ପ୍ରଶାନ୍ତ ତିୱାରୀ, ତୁଳସିରାମ ବାରିକ, ବଳରାମ ପୂଝାରୀ, ଘନଶ୍ୟାମ ପଟେଲ ସମେତ ଅଞ୍ଚଳବାସୀ ଆରବିଆଇ, ଓଡିଶା ସରକାର ଓ ମନ୍ତ୍ରୀ ମିଶ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଲାଞ୍ଜିଗଡ଼ରେ ୧୫ରୁ ୧୮ ବର୍ଷ ପିଲାଙ୍କୁ ଟିକା

**ଲାଞ୍ଜିଗଡ଼,୬।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଟିକାକରଣ କେନ୍ଦ୍ରରେ ଗୁରୁବାର ଲାଞ୍ଜିଗଡ଼ ଅଞ୍ଚଳର ୨୦ରୁ ଉର୍ଦ୍ଧ୍ୱ ୧୫ରୁ ୧୮ବର୍ଷ ବୟସ ପିଲାଙ୍କୁ ଟିକା ଦିଆଯାଇଛି। ମେଡ଼ିକାଲ ଅଫିସର ଡା. ଭବାନୀଶଙ୍କର ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜସ୍ମିତା ପାତ୍ର ଓ ମକରନ୍ଦ ପାତ୍ର ପିଲାଙ୍କୁ କୋଭିଡ୍ ଟିକା ଦେଇଥିଲେ। ସେହିପରି ବିଶ୍ୱନାଥପୁର ଓ ଲାଞ୍ଜିଗଡ଼ରୋଡ଼ସ୍ଥିତ ଟିକାକରଣ କେନ୍ଦ୍ରରେ ୧୫ରୁ ୧୮ ବର୍ଷ ବୟସ ପିଲାଙ୍କୁ ଟିକାକରଣ ଆରମ୍ଭ ହୋଇଯାଇଛି। ଅଧିକରୁ ଅଧିକ ସଂଖ୍ୟାରେ ଏହି ଟିକାକରଣରେ ସାମିଲ ହେବା ଏବଂ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ବଜାଇ ରଖିବା ପାଇଁ ଡ଼. ଲେଙ୍କା ଅନୁରୋଧ କରିଛନ୍ତି।

### ବେକରେ ଗାମୁଛା ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଗୋଲାମୁଣ୍ଡା,୬।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେଗାଁ ଥାନା ଫଟାମୁଣ୍ଡା ଗ୍ରାମରେ ଗୁରୁବାର ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଜଣଙ୍କ ହେଲେ ବିଭୁତି ସେଠୀ (୪୫)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସକାଳେ ଫଟାମୁଣ୍ଡା ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପଛପଟେ ଜଣେ ବିବାହିତ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଯୁବକ ଜଣକଙ୍କ ମାନସିକସ୍ଥିତି ଠିକ ନ ଥିବା ପରିବାର ଲୋକେ ପୋଲିସ ପାଖରେ ପ୍ରକାଶ କରିଥିବା ଜଣାପଡ଼ିଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୨) ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଯୁବକଙ୍କ ବର୍ତ୍ତମାନ ତାଙ୍କ ସ୍ତ୍ରୀ, ଦୁଇ ପୁଅ ଓ ଜଣେ ଝିଅ ଅଛନ୍ତି।

### ବିଜେଡି ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ

**ରୁପ୍ରାରୋଡ,୬।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ନର୍ଲା ବ୍ଲକ ଅଧକ୍ଷା ମନୋରମା ମହାନ୍ତି, ବିଜେଡି ନେତ୍ରୀ ଲଳିତା ନାଏକ, ବ୍ଲକ ବିଜେଡି ସଭାପତି ପରେଶ ପଧାନ, ପଶ୍ଚିମ ଓ ବିକାଶ ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ର ସିଂଦେଓ, ବିଜେଡି ବ୍ଲକ ଯୁବ ସଭାପତି ହରିଶନକର ମାଝି ପ୍ରମୁଖ ଯୋଗଦେଇଥିଲେ। ଚିତରଞ୍ଜନ ମଣ୍ଡଳ, ବ୍ଲକ ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ଶାରଦା ପ୍ରସାଦ ସ୍ୱାଇଁଙ୍କ ସହିତ ବିଜେଡି କର୍ମୀ ଉପସ୍ଥିତ ଥିଲେ। ସ୍ଥାନୀୟ ବିଧାୟକ ସିଂ ବିଜେଡିକୁ ଭୋଟ ଦେଇ ଜୟଯୁକ୍ତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ମଜଭୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ସଭାପତି ସିଂଦେଓ ମଞ୍ଚ ପରିଚାଳନା କରିଥିବା ବେଳେ ଟିକେଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପଣ୍ଡିତ ସଂଘର ନୂତନ କର୍ମକର୍ତ୍ତା

**ବାଉଁଶୁଣୀ,୬।୧(ଡି.ଏନ.ଏ.)**

ବୁଧବାର ବୌଦ୍ଧ ଜିଲା ବାଉଁଶୁଣୀ ସଦର ମନୁପାଲିସ୍ଥିତ ବାବା ଲଛମନ ଦାଶ ମଠ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପାର୍ଥବୀର ମିଶ୍ରଙ୍କ ଅଧକ୍ଷତାରେ ଲକ୍ଷ୍ମୀ ନାରାୟଣ କର୍ମକାଣ୍ଡି ପଣ୍ଡିତ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ନୂତନ ସଭାପତି, ସମ୍ପାଦକ, କୋଷାଧକ୍ଷ ଚୟନ କରାଯାଇ ଥିଲା । ସଭାପତି ଭାବେ କସ୍ତୁବ ମିଶ୍ର, ସମ୍ପାଦକ ରମେଶ ମିଶ୍ର, କୋଷାଧକ୍ଷ ଭାବେ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ମନୋନୀତ କରାଯାଇଥିଲା । ଏହାଛଡା ସଙ୍ଗଠନର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ଚିତ୍ତରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

### ନୃସିଂହନାଥରେ ସଫେଇ ଅଭିଯାନ

**ପାଇକମାଳ, ୬।୧(ଡି.ଏନ.ଏ)**

ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥରେ ସଫେଇ ସଂଘ ତରଫରୁ ଗୁରୁବାର ମନ୍ଦିର ପରିସର ଓ ଝରଣା କୂଳ ସଫେଇ କରାଯାଇଛି । ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ନେତୃତ୍ୱରେ ମନ୍ଦିର ସେବାୟତ ଓ ବ୍ୟବସାୟୀ ଅନୁଷ୍ଠାନର କର୍ମକର୍ତ୍ତା ଝରଣା କୂଳ, ଦୋକାନ ପରିସର ଓ ଭୋଜିସ୍ଥଳଗୁଡ଼ିକୁ ସଫା କରିଥିଲେ। ଏହି ଅବସରରେ ବରୁଣ ପୁଞ୍ଜିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବଳିଆଙ୍କୁ ଆର୍ଥିକ ସହାୟତା ଦିଆଯାଇଥିଲା।